୬ ଦୀର୍ଘ ୨୦ ବର୍ଷ ପରେ ପୁଣିଥରେ ଭାରତ ଆୟୋଜନ କରିବ କମନୱେଲ୍ଥ ଗେମ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
ସମ୍ବାଦ କଳିକା
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୧୯୭ ● ୧୪ ଅଗଷ୍ଟ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-197 ● 14th August 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୭ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

# ଚାଷୀଙ୍କ ପାଇଁ ଖୋଲିବ ୩୮ଟି ମଡେଲ୍ ମଣ୍ଡି, ଖର୍ଚ୍ଚ ହେବ ୩୦୦କୋଟି

ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ



- ସମ୍ବଲପୁରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁବିଧା
- ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୮ଟି ସରକାରୀ ନର୍ସିଂ କଲେଜ
- ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ହେବ ଏମଆରଓ କେନ୍ଦ୍ର

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ମୋଟ ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟତଃ ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ପ୍ରସ୍ତାବ ଉପରେ କ୍ୟାବିନେଟରେ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଛି।

କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ଧାନ ମଣ୍ଡିଗୁଡ଼ିକରେ ଚାଷୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରିବା ସହ ଗୋଟିଏ ଛାତ ତଳେ ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରୀମାନଙ୍କୁ କାରବାର ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର 'ମଡେଲ୍ ମଣ୍ଡି' ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ। ସେ କହିଛନ୍ତି ଚାଷୀଙ୍କୁ ଗୋଟିଏ ଛାତ ତଳେ ତା'ର ଉତ୍ପାଦିତ ଫସଲ ବିକ୍ରି ଓ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମଠୁ ଆରମ୍ଭ କରି ଶୀତଳଭଣ୍ଡାର, ଓଜନ ସରଞ୍ଜାମ, ବହୁମୁଖୀ ଗୋଦାମ ସୁବିଧା, ବିଶ୍ରାମ ଗୃହ, ପରିବହନ ସୁବିଧା, ପାର୍କିଂ ଓ ଉଚ୍ଚମାନର ଯନ୍ତ୍ରପାତି ଆଦି ପ୍ରଦାନର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ 'ମଡେଲ ମଣ୍ଡି' ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ମଣ୍ଡି ସ୍ଥାପନ ନିମନ୍ତେ ଆବଶ୍ୟକ ସର୍ଭେ ଆଦି କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଣ୍ଡି ବିକଶିତ କରାଯିବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏହି ନିର୍ମାଣ କାର୍ଯ୍ୟର ତଦାରଖ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ (ଓସମା ବୋର୍ଡ) ଏକ ସେଲ୍ ଗଠନ କରି କରିବ। ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଯୋଜନା କାର୍ଯ୍ୟକାରୀ (ପୃଷ୍ଠା ୭ରେ)

## ୨୦ ଯାଏଁ ଚାଷୀ ପଞ୍ଜିକରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ନିମନ୍ତେ ହେଉଥିବା ଚାଷୀ ପଞ୍ଜିକରଣ ପ୍ରକ୍ରିୟାର ସମୀକ୍ଷା କରାଯାଇଛି। ଏହି ପ୍ରକ୍ରିୟାରେ ଅଦ୍ୟାବଧି ୧୧ ଲକ୍ଷ ୫୦ ହଜାରରୁ ଅଧିକ ଚାଷୀ ପଞ୍ଜିକରଣ କରି ସାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଖରିଫ୍ ଋତୁ ଧାନ ସଂଗ୍ରହ ନିମନ୍ତେ ଜାରି ପଞ୍ଜିକରଣ ପ୍ରକ୍ରିୟା ଅବଧିକୁ ମଧ୍ୟ ବୃଦ୍ଧି କରାଯାଇଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ପଞ୍ଜିକରଣ ଅବଧିକୁ ସରକାର ବୃଦ୍ଧି କରିଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଖରିଫ୍ ଋତୁ ଧାନ ସଂଗ୍ରହ ନିମନ୍ତେ ପଞ୍ଜିକରଣ ପ୍ରକ୍ରିୟା ୪ ଦିନ ବିଳମ୍ବରେ ହୋଇଥିଲେ ସୁଦ୍ଧା ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅଧିକରୁ ଅଧିକ ଚାଷୀ ଇଚ୍ଛାବ୍ୟକ୍ତ କରିଛନ୍ତି। ଗତବର୍ଷ ଏହି ପ୍ରକ୍ରିୟା ଜୁଲାଇ ୧୫ ତାରିଖରେ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ଏହା ଜୁଲାଇ ୧୯ ତାରିଖଠାରୁ ଜାରି ରହିଛି। ଏହା ବ୍ୟତୀତ ପଞ୍ଜିକରଣକୁ ସରଳୀ-କୃତ କରାଯିବା ସହ ନିଜସ୍ୱ ଘୋଷଣାନାମା ମାଧ୍ୟମରେ ମଧ ଚାଷୀମାନେ ପଞ୍ଜିକରଣ କରିବାର ସୁବିଧା ଦେବାକୁ ସରକାର ସ୍ଥିର କରିଛନ୍ତି । ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ (ପୃଷ୍ଠା ୭ରେ)

## ଭାରତରେ ଖୁବ୍‌ଶୀଘ୍ର ଗଡ଼ିବ ହାଇଡ୍ରୋଜେନ୍ ଟ୍ରେନ୍



ନୂଆଦିଲ୍ଲୀ, ୧୩।୮

ଖୁବ୍‌ଶୀଘ୍ର ଭାରତରେ ଚାଲିବ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍। ଭାରତ ବିଶ୍ୱର ପଞ୍ଚମ ଦେଶ ହେବ ଯେଉଁଠାରେ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ। ଯାହା ପରିବେଶ ଅନୁକୂଳ ଏବଂ ସ୍ଥାୟୀ ପରିବହନ ଦିଗରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ। ଏହି ଟ୍ରେନ୍ ପୂର୍ବରୁ ଜର୍ମାନୀ, ଫ୍ରାନ୍ସ, ସ୍ୱିଡେନ ଏବଂ ଚୀନରେ ଚାଲୁଛି। ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଥମ ଥର ପାଇଁ ଭାରତର ହରିୟାଣାରେ ଚାଲିବ। ଏହି ଟ୍ରେନକୁ ଇନ୍ଧନ ଯୋଗାଇବା ପାଇଁ ଜିନ୍ଦରେ ଏକ ହାଇଡ୍ରୋଜେନ୍ ପ୍ଲାଣ୍ଟ ନିର୍ମାଣାଧୀନ ଅଛି।

ଅନ୍ୟପକ୍ଷରେ ଟ୍ରେନର ଇଞ୍ଜିନ୍ ପ୍ରସ୍ତୁତ ସରିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହି ଟ୍ରେନର ଭିଡିଓ ସେୟାର କରିଛନ୍ତି। ଏହି ଭିଡିଓରେ ଟ୍ରେନର ଡିଜାଇନ୍ ଏବଂ ବୈଶିଷ୍ଟ୍ୟଗୁଡ଼ିକ ବ୍ୟାଖ୍ୟା କରାଯାଇଛି। ସୂତ୍ର ଅନୁସାରେ, ଏହି ହାଇଡ୍ରୋଜେନ୍ ଟ୍ରେନ୍ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ଦୀର୍ଘତମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍ ହେବ। ଏହା ୨,୬୦୦ ଯାତ୍ରୀଙ୍କୁ ନେଇପାରିବ । ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନର କୋଚ୍‌ର ପରୀକ୍ଷଣ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ସମାପ୍ତ ହୋଇଛି।

ଜୁଲାଇ ମାସରେ, ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ପରୀକ୍ଷଣକୁ ଭାରତର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଥିଲେ। ଭାରତୀୟ ରେଳବାଇ ଦେଶରେ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ଚଲାଇବାକୁ ଯୋଜନା କରୁଛି। ପ୍ରତ୍ୟେକ ଟ୍ରେନ୍ ପାଇଁ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜିନ୍ଦର ରିଫ୍ୟୁଏଲିଂ ଷ୍ଟେସନରେ ୩ ହଜାର କିଲୋଗ୍ରାମ ହାଇଡ୍ରୋଜେନ ଷ୍ଟୋରେଜ ସହିତ ଦୁଇଟି ଡିସପେନ୍ସର, ଏକ କମ୍ପ୍ରେସର ଏବଂ ଦ୍ରୁତ ଇନ୍ଧନ ପାଇଁ ପ୍ରି-କୁଲର ଇଣ୍ଟିଗ୍ରେସନ ରହିବ। ଜିନ୍ଦ-ଗୋହାନା-ସୋନିପତ ରେଳ ଟ୍ରାକ୍ ପ୍ରାୟ ୮୯ କିଲୋମିଟର ଲମ୍ବା ।ହାଇଡ୍ରୋଜେନ୍ ଟ୍ରେନର ଗତି ଘଣ୍ଟା ପ୍ରତି ୧୧୦ ରୁ ୧୪୦ କିଲୋମିଟର ହେବ। ଟ୍ରେନରେ ଏକକାଳୀନ ୨,୬୩୮ ଜଣ ଯାତ୍ରୀ ଯାତ୍ରା (ପୃଷ୍ଠା ୭ରେ)

## ସଡ଼କ ଦୁର୍ଘଟଣାରେ ୧୧ ଭକ୍ତ ମୃତ

ଜୟପୁର, ୧୩।୮

ରାଜସ୍ଥାନର ଦୌସା ଜିଲ୍ଲାରେ ବୁଧବାର ଭୋର ପ୍ରାୟ ୪ଟା ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୧୧ ଭକ୍ତଙ୍କ ମୃତ୍ୟୁ ଘଟିଛି। ଦୌସା-ମନୋହରପୁର ରାସ୍ତାର ବାପି ନିକଟରେ ଏକ କଣ୍ଟେନର ଏବଂ ଯାତ୍ରୀବାହୀ ପିକ୍‌ଅପ୍ ମଧ୍ୟରେ ଭୟଙ୍କର ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ମହିଳା ଭକ୍ତଙ୍କ ଜୟପୁରର ଏସଏମଏସ୍ ହସ୍ପିଟାଲରେ ଚିକିତ୍ସା ସମୟରେ ମୃତ୍ୟୁ ହୋଇଛି। ସମସ୍ତେ ଉତ୍ତର ପ୍ରଦେଶର କାସଗଞ୍ଜ (ଏଟା)ର ବାସିନ୍ଦା। ଏହି ଲୋକମାନେ ଖଟୁଶ୍ୟାମଙ୍କ ଦର୍ଶନ କରି ଫେରୁଥିଲେ। ଦୌସା ଜିଲ୍ଲା କଲେକ୍ଟର ଦେବେନ୍ଦ୍ର କୁମାର କହିଛନ୍ତି ଯେ ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବାପି ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ୯ ଜଣଙ୍କୁ ଚିକିତ୍ସା ପାଇଁ ରେଫର କରାଯାଇଛି ଏବଂ ୩ ଜଣଙ୍କୁ ଜିଲ୍ଲା ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ଦୁର୍ଘଟଣା ଏକ ଯାତ୍ରୀବାହୀ ପିକଅପ୍ ଏବଂ ଏକ କଣ୍ଟେନର ମଧ୍ୟରେ ଘଟିଛି। ଦୌସା ପୋଲିସ କହିଛି ଯେ ସମସ୍ତ ଭକ୍ତ (ପୃଷ୍ଠା ୭ରେ)

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ପ୍ରଶ୍ନପତ୍ର ନେଇଥିବା ସ୍ୱୀକାର କଲେ ଜିତନ ମହାରଣା ଓ ବିଜୟ ମିଶ୍ର

କଟକ, ୧୩।୮
ନ୍ୟୁଜ୍‌ବ୍ୟୁରୋ

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ଜିତନ ମହାରଣା ଓ ବିଜୟ ମିଶ୍ର ପେନଡ୍ରାଇଭରେ ପ୍ରଶ୍ନପତ୍ର ନେଇଥିବା ସ୍ୱୀକାର କରିଛନ୍ତି। ଡ୍ରାଇଭର ଜରିଆରେ କଟକରୁ ନୟାଗଡ଼କୁ ପେନ୍‌ଡ୍ରାଇଭରେ ପ୍ରଶ୍ନପତ୍ର ନେଇଥିଲେ। ସେଠାରେ ବିଜୟ ମିଶ୍ରଙ୍କ ଭାଇକୁ ପେନ୍‌ଡ୍ରାଇଭ ସହ ହାର୍ଡକପି ଦିଆଯାଇଥିଲା। ପରେ ଏହା ରାୟଗଡ଼ା ଅମ୍ବାଦଳାକୁ ନେଇ ପ୍ରଶ୍ନପ୍ରତ୍ର ପ୍ରଘଟ ନ ହେବା ପାଇଁ ହାତରେ ଲେଖାଯାଇଥିଲା। ବିଜୟ ମିଶ୍ରଙ୍କ ଡ୍ରାଇଭର ସହ ତାଙ୍କ ଭାଇକୁ ମଧ୍ୟ ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ। ସୂଚନାଥାଉକି, ଜୁଲାଇ ୨୦ରେ ସ୍ୱତନ୍ତ୍ର ଓଟିଇଟି-୨୦୨୫ ଅନୁଷ୍ଠିତ ହୋଇଥାନ୍ତା। କିନ୍ତୁ ପରୀକ୍ଷାର ଠିକ୍ ପୂର୍ବଦିନ ରାତିରେ ଅପ୍ରତ୍ୟାଶିତ ଭାବେ ବାତିଲ କରାଯାଇଥିଲା। ଆଉ ଏଭଳି କରିବାର କାରଣ ଥିଲା ପ୍ରଶ୍ନପତ୍ର ଲିକ୍ ହେବା। ଘଟଣାର ତଦନ୍ତ କରିଥିଲା କ୍ରାଇମବ୍ରାଞ୍ଚ। ପ୍ରଥମେ ବୋର୍ଡ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ଜିତେନ୍ ମହାରଣାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଥିଲା।

## ଆମେରିକା ସହ ଟାରିଫ ଯୁଦ୍ଧ : ରୁଷ୍ ଯିବେ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮



ଆମେରିକା ସହ ଟାରିଫ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରୁଷ୍ ଗସ୍ତ କରିବେ। ଆସନ୍ତା ୨୦-୨୧ ଦୁଇ ଦିନ ଧରି ସେ ରୁଷ୍ ଗସ୍ତରେ ଯିବେ। ଏହି ସମୟରେ ସେ ତାଙ୍କର ରୁଷ ପ୍ରତିପକ୍ଷ ସେରଗେୟ ଲାଭରୋଭଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ।

ରୁଷ୍ ଠାରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଟାରିଫ ଲଗାଇଛି ଆମେରିକା। ଏହାକୁ ନେଇ ବିବାଦ ତୀବ୍ର ହେଉଥିବା ବେଳେ ଜୟଶଙ୍କର ରୁଷ୍ ଗସ୍ତ କରୁଛନ୍ତି। ଏହାପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ ଯୋଗେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ।

ଉଭୟ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ କଥା ହୋଇଥିଲେ। ସେହିପରି ଗତ ସପ୍ତାହରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ୍ ଗସ୍ତ କରି ପୁଟିନଙ୍କ ସହ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ବୈଠକ ପରେ ପୁଟିନ ଖୁବ୍‌ଶୀଘ୍ର ଭାରତ ଗସ୍ତରେ ଆସିବେ ବୋଲି ସେ ସୂଚନା (ପୃଷ୍ଠା ୭ରେ)

## କାମରେ ଅବହେଳା ହେଲେ ବନ୍ଦ ହେବ ଦରମା

ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ



ଅମଲା ସଙ୍ଘର ସମୂହ ଛୁଟି ପ୍ରସଙ୍ଗ। ସମୂହ ଛୁଟିରୁ ଓହରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ଅପିଲ । ଆନ୍ଦୋଳନରୁ ନ ଓହରିଲେ ସରକାର ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ। ବସିଲେ ସମସ୍ୟାର ସମାଧାନ ବାହାରିବ। କଥାବାର୍ତ୍ତା ହୋଇଛି। କ୍ୟାଡର ପୁନଃଗଠନ କଥା ରାଜସ୍ୱ ବିଭଗ ପାଖକୁ ପଠାଯାଇଛି। ଅପେକ୍ଷା ନ କରି ସମୂହ ଛୁଟି ଗ୍ରହଣୀୟ ନୁହେଁ। ଛୁଟି ବାତିଲ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କୁ ଛୁଟି ମଞ୍ଜୁର ହେବ ନାହିଁ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ ।

ସେ ଆହୁରି ବି କହିଛନ୍ତି, ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ। କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ। ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ। ତେଣୁ ସମୂହ ଛୁଟିରୁ ଓହରିବାକୁ ମୁଁ ନିବେଦନ କରୁଛି। ତେବେ ରାଜ୍ୟରେ ଅମଲାଙ୍କ କାମ ବନ୍ଦ ଆନ୍ଦୋଳନ ପ୍ରସଙ୍ଗରେ (ପୃଷ୍ଠା ୭ରେ)

## ପଞ୍ଚାୟତ ଏବଂ ବ୍ଲକ ପୁନର୍ଗଠନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ

ଖୁବ୍‌ଶୀଘ୍ର ରାଜ୍ୟ ସରକାର ପଞ୍ଚାୟତ ଏବଂ ବ୍ଲକ ପୁନର୍ଗଠନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଏ ନେଇ ରାଜ୍ୟପାଳଙ୍କ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ୨୦୨୭ ପୂର୍ବରୁ ପଞ୍ଚାୟତ ପୁନର୍ଗଠନ ଏବଂ ୨୦୨୯ ପୂର୍ବରୁ ବ୍ଲକ ପୁନର୍ଗଠନ କରାଯିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅର୍ଥାତ ୨୦୨୬ ମସିହାରେ ପଞ୍ଚାୟତ ପୁନର୍ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି। ଏହାସହ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବ୍ଲକ ପୁନର୍ଗଠନ ହେବ ବୋଲି କହିଛନ୍ତି ମନ୍ତ୍ରୀ।

## ପ୍ରଥମ ଥର ଟ୍ରମ୍ପଙ୍କ ଟାରିଫ୍ ଉପରେ କଡ଼ା ଜବାବ ଦେଲେ ମୋଦୀ



ନୂଆଦିଲ୍ଲୀ, ୧୩।୮

ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପ୍ରସଙ୍ଗରେ ତାଙ୍କର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଚାଷୀଙ୍କ ସ୍ୱାର୍ଥ ସହିତ କୌଣସି ସାଲିସ କରିବ ନାହିଁ। ଏହା ପଶୁପାଳନ, ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ଯେକୌଣସି ମୂଲ୍ୟରେ ରକ୍ଷା କରିବ। ସେ ଏହା ମଧ୍ୟ କହିଛନ୍ତି ଯେ, ଏଥିପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଏକ ବଡ଼ ମୂଲ୍ୟ ଦେବାକୁ ପଡିବ। ଦୀର୍ଘ ସମୟ ଧରି, ଆମେରିକା ରାଷ୍ଟ୍ରପତି ଭାରତ ବିରୁଦ୍ଧରେ ଟାରିଫ୍ ଲାଗୁ କରିବା ବିଷୟରେ ବାରମ୍ବାର କଥା ହୋଇ ଆସୁଛନ୍ତି। ଏହି ମାସ ଆରମ୍ଭରେ, ଆମେରିକା ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ବିଷୟରେ କଥା ହୋଇଥିଲା। ତା'ପରେ ସେମାନେ ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବାର ଘୋଷଣା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ବକ୍ତବ୍ୟ ସତ୍ତ୍ୱେ, ଭାରତ ଏହି ପ୍ରସଙ୍ଗରେ କୌଣସି (ପୃଷ୍ଠା ୭ରେ)

## ଏୟାର ଇଣ୍ଡିଆର ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମୁମ୍ବାଇକୁ ଉଡ଼ାଣ ବାତିଲ

କଚ୍ଛ, ୧୩।୮

ଏୟାର ଇଣ୍ଡିଆର ବିମାନଗୁଡ଼ିକରେ ନିୟମିତ ଯାନ୍ତ୍ରିକ ତ୍ରୁଟି ପାଇଁ ଖବର ଆସୁଥିବା ବେଳେ ବୁଧବାର ଦିନ ଗୁଜରାଟର ଭୁଜ ବିମାନବନ୍ଦରରେ ମୁମ୍ବାଇକୁ ଯିବାକୁ ଥିବା ଏକ ଉଡ଼ାଣ ବାତିଲ କରାଯାଇଛି। ଏହି ବିମାନ ମୁମ୍ବାଇରୁ ଏକ ଘଣ୍ଟା ବିଳମ୍ବରେ ଭୁଜରେ ପହଞ୍ଚିଥିଲା। ଫଳରେ ୧୮୨ ଯାତ୍ରୀ ସମସ୍ୟାରେ ପଡ଼ିଥିଲେ ଏବଂ ସେମାନେ ଭୁଜ ବିମାନବନ୍ଦରରେ ହଙ୍ଗାମା କରିଥିଲେ।

ଭୁଜ ବିମାନବନ୍ଦର ସୂତ୍ର ପକ୍ଷରୁ ଜଣାପଡିଛି ଯେ, ଏୟାର ଇଣ୍ଡିଆର ଏହି ବିମାନଟି ବୁଧବାର ସକାଳ (ପୃଷ୍ଠା ୭ରେ)

## ଏମ୍.ଏଲ.ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଦିନ ଲୋକସେବା ଭବନରେ 'ଏମ.ଏଲ.ଏ ଲ୍ୟାଡ଼' ଓ 'ସିଏମ୍-ଏସ୍.ଏ'ର ସରଳୀକୃତ ଗାଇଡଲାଇନ ଉନ୍ମୋଚିତ କରିବା ସହିତ ଏମ.ଏଲ.ଏ ଲ୍ୟାଡ ୱେବ୍ ପୋର୍ଟାଲର (ଏଚଟିଟିପିଏସ୍:/ସିଏମଏଲଏଲ୍ୟାଡସ୍. ଓଡିଶା.ଜିଓଭି.ଇନ୍) ମଧ୍ୟ ଶୁଭାରମ୍ଭ କରିଛନ୍ତି। କ୍ୟାବିନେଟ୍ ବୈଠକ ଆରମ୍ଭ ହେବା ପୂର୍ବରୁ ସମସ୍ତ କ୍ୟାବିନେଟ୍ ସହଯୋଗୀ ମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚିତ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ସ୍ୱଚ୍ଛ, ସରଳ ଓ ସମୟ ଉପଯୋଗୀ ହୋଇପାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ନୂତନ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମି ଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ ।

ଏହି ନୂଆ ଗାଇଡଲାଇନରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ, ଅନାବଶ୍ୟକ ପ୍ରକଳ୍ପଗୁଡିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖା ଯାଇଛି। ସେହିପରି ସିଏମ-ଏସ.ଏ ଗାଇଡ୍ ଲାଇନର ମଧ ସରଳୀକରଣ କରାଯାଇଛି। ଏହାଦ୍ୱାରା ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଥିଲେ। ଏହି ନୂତନ 'ଏମ.ଏଲ.ଏ ଲ୍ୟାଡ଼ ୱେବପୋର୍ଟାଲ'ରେ ବିଧାୟକ (ପୃଷ୍ଠା ୭ରେ)

## 'ହରିଜନ' ବଦଳରେ ବ୍ୟବହାର ହେବ 'ଅନୁସୂଚିତ ଜାତି'



ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। 'ହରିଜନ' ଶବ୍ଦ ଏଣିକି ଆଉ ସରକାରୀ କାଗଜପତ୍ରରେ ବ୍ୟବହାର ହେବ ନାହିଁ। ଏହା ବଦଳରେ ରାଜ୍ୟ ସରକାର ଅନୁସୂଚିତ ଜାତି ଶବ୍ଦକୁ ଗୁରୁତ୍ୱ ଦେଇଛନ୍ତି। 'ହରିଜନ' ଶବ୍ଦ ପରିବର୍ତ୍ତେ 'ଅନୁସୂଚିତ ଜାତି' ଶବ୍ଦ ବ୍ୟବହାର କରିବା ନେଇ ଚିଠି କରିଛନ୍ତି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ସଚିବ ବି. ପରମେଶ୍ୱରନଙ୍କ ପକ୍ଷରୁ ସମସ୍ତ ବିଭାଗୀୟ ସଚିବଙ୍କୁ ଏନେଇ ଚିଠି ଲେଖାଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାରର ରେକର୍ଡ, ଚିଠି ଆଦାନ ପ୍ରଦାନ, ଜାତି ପ୍ରମାଣପତ୍ର, ପ୍ରକାଶନ ଆଦିରେ ହରିଜନ ଶବ୍ଦର ବ୍ୟବହାର ସଂପୂର୍ଣ୍ଣ ବନ୍ଦକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ପ୍ରତିଷ୍ଠାନ, ସ୍ୱାୟତ୍ତ ସଂସ୍ଥା ଓ ଅଫିସଗୁଡ଼ିକୁ ମଧ ଏହି ନିର୍ଦ୍ଦେଶକୁ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅନୁମୋଦନରେ ଏହି ନିର୍ଦ୍ଦେଶ ନାମା ପ୍ରକାଶ ପାଇଛି। କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନିମନ୍ତେ ସବୁ ବିଭାଗକୁ ନିର୍ଦ୍ଦେଶ ରହିଛି।

ସରକାରୀ ପ୍ରତିଷ୍ଠାନ, (ପୃଷ୍ଠା ୭ରେ)

## ଆଉ ୩ ଦିନ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୧୩।୮
ନ୍ୟୁଜ୍‌ବ୍ୟୁରୋ

ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୧୫ ତାରିଖ ଯାଏପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ ପକ୍ଷରୁ ସୂଚନା ଦିଆଯାଇଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତସିଂହ-ପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, (ପୃଷ୍ଠା ୭ରେ)





# ଅବ୍ୟବସ୍ଥାରେ କତାଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର କତାଗୁଡାଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଅବ୍ୟବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ବହୁତ ବର୍ଷ ଧରି ଭଗ୍ନ ଅବସ୍ଥାରେ ପଡ଼ି ରହିଛି। ଛାତରୁ ସିମେଣ୍ଟ ଅତଡ଼ା ଖସି ଲୁହାଛଡ଼ ଦେଖାଯାଉଛି। କୋଠରିରେ ସ୍ଥାନେ ସ୍ଥାନେ ଫାଟ ଦେଇଥିବାରୁ ସେହିଠାରେ ଛୋଟ ଛୋଟ ଶିଶୁଙ୍କୁ ପ୍ରାକ୍-ଶିକ୍ଷା ଦେବା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଆସୁ ବୋଲି ଗ୍ରାମରେ ଥିବା ତିଆକା ତିଲଙ୍କ ଘରେ ପ୍ରାୟ ୧୨ବର୍ଷ ହେବ ଅଙ୍ଗନୱାଡ଼ି



କେନ୍ଦ୍ର ଚାଲିଆସୁଛି। ତିଆକା ତିଲ ଆବାସ ଯୋଜନାରେ ଗୃହ ପାଇବା ପରେ ଘର ସମ୍ପୂର୍ଣ୍ଣ କରି ମୃତ୍ୟୁବରଣ କରିଛି। ଉକ୍ତ ଘରକୁ ତାଙ୍କ ସମ୍ପର୍କୀୟମାନେ ଦେଖାଶୁଣା କରୁଛନ୍ତି। ବର୍ତ୍ତମାନ ଉକ୍ତ ଘରେ ପ୍ରାକ୍-ଶିକ୍ଷା, ପ୍ରସୂତି, ଗର୍ଭବତୀ, କିଶୋରୀ ବାଳିକା, ଶିଶୁମାନଙ୍କର ଯେଉଁ ସବୁ କାର୍ଯ୍ୟକ୍ରମ ରହିଛି ତାହା ଅଙ୍ଗନୱାଡ଼ି କର୍ମୀ ମନୁ ପ୍ରଧାନ ସୁଚାରୁ ରୂପେ ତୁଲାଉଥିବା ବେଳେ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଓ ସମନ୍ୱିତ ଶିଶୁ ବିକାଶ ଓ ବାଲ୍ୟ ବିବାହ ନିଷେଧ ଅଧିକାରିଣୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ର ହୋଇପାରୁନାହିଁ। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗର ଶିଶୁ ବିକାଶ ଓ ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମମତା ରାଣୀ ଦାସଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି, ସେଠାରୁ ଅନୁମତି ଆସିଲେ ଅଙ୍ଗନୱାଡ଼ି କେନ୍ଦ୍ର ମରାମତି ବା ନୂତନ ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି।

## ଉନ୍ନୟନ କାର୍ଯ୍ୟର ତଦାରଖ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ବାଣପୁରର ଆରାଧ୍ୟା ଦେବୀ ଜଗତଜନନୀ ମା' ଭଗବତୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦର୍ଶନ କରି ମା'ଙ୍କ କୃପା ଲାଭ କରିବା ସହ ଜଗତ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ରାଜ୍ୟ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଅବସରରେ ରବିବାର ମା'ଙ୍କ ମନ୍ଦିର ପରିସରରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିବା ସହ ଖୁବ ଶୀଘ୍ର ଏହାକୁ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଅନ୍ଧବିଶ୍ୱାସର କରୁଣ ଚିତ୍ର

# ଠାକୁରାଣୀ ଭୟରେ ଘର ଛାଡ଼ିଲେ ପରିବାର



**ନୀଳଗିରି, ନ୍ୟୁଜ୍ ବ୍ୟୁରୋ**

ପରିବାରର ଜଣେ ପରେ ଜଣେ ଅସ୍ୱାଭାବିକ ଆଚରଣ କରୁଛନ୍ତି। ପାଗଳ ଭଳି ସେମାନଙ୍କ ଆଚରଣ ଓ ଉଚ୍ଚାରଣ ରହୁଛି। କାଳିସୀ ଲାଗିବା ପାଇଁ ଏପରି ହେଉଥିବା ସେମାନେ ବିଶ୍ୱାସ କରୁଛନ୍ତି। ପରିବାର ଲୋକଙ୍କ କହିବା କଥା ହେଲା ସେମାନଙ୍କୁ ଭୟଙ୍କର ସ୍ୱପ୍ନାଦେଶ ହେଉଛି। ଠାକୁରାଣୀ କହୁଛନ୍ତି, 'ଘର ଛାଡ଼.., ଠାକୁର ସ୍ଥାନକୁ ପଳାଇ ଯାଅ, ବଞ୍ଚିବ, ନ ହେଲେ ଜୀବନ ନେବି।' ଏହା ଅପାଣିଆ ନାମକ ଠାକୁରାଣୀଙ୍କ ଚରମ ବାଣୀ ବୋଲି ପରିବାର ଲୋକେ ବିଶ୍ୱାସ କରି ଘର ଛାଡ଼ି ଏମାନେ ସମ୍ପ୍ରତି ମନ୍ଦିର ବେଢ଼ାରେ ଆଶ୍ରୟ ନେଇଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଏକ ପରିବାର ଭୟାତୁର ହୋଇ ଉଠିଛନ୍ତି। ଘଟଣା ସଂପ୍ରତି ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ଅଧୀନ ବଉଳଗଡ଼ିଆ ପାତ୍ରସାହିର ସ୍ୱର୍ଗତ ମହେଶ୍ୱର ପାତ୍ରଙ୍କ ସ୍ତ୍ରୀ ଉମାମଣି (୬୮), ପୁଅ ଭରତ(୨୫), ବାଉଁଶବଣିଆ ଗାଁର ରବୀନ୍ଦ୍ର ମଲିକଙ୍କୁ ବିବାହ କରିଥିବା ବଡ଼ଝିଅ(୩୫), ସାନଝିଅ ସବିତା(୧୯)ଙ୍କ ସମେତ ପରିବାରର ପ୍ରାୟ ୧୦ ଜଣ ସଦସ୍ୟଙ୍କ ଅବସ୍ଥା ସମ୍ପ୍ରତି ସାଂଘାତିକ ହୋଇପଡ଼ିଛି। ପ୍ରତି ମୁହୂର୍ତ୍ତରେ ପରିବାରର ଜଣେ ଅସ୍ୱାଭାବିକ ଆଚରଣ କରି ସଂଜ୍ଞାହୀନ ହୋଇ ପଡୁଛନ୍ତି। ପରିବାରର ଲୋକେ ମଧ୍ୟ ଅସୁସ୍ଥ ହୋଇ ପଡୁଛନ୍ତି। ଏହାର ପ୍ରତିକାର ପାଇଁ ସମ୍ପର୍କୀୟମାନେ ମୟୂରଭଞ୍ଜ ଜିଲାରୁ ୩ ଜଣ ଗୁଣିଆଙ୍କୁ ଡକାଇଥିଲେ। ଗୁଣିଆ ଆସି ତନ୍ତ୍ରମନ୍ତ୍ର କରିବା ସହ ବାଡ଼ିର କେତେକ ସ୍ଥାନ ଖୋଳି ପୋତା ହୋଇଥିବା ୫ଟି କଳସ ଉଦ୍ଧାର କରିଥିଲା। ଆହୁରି ୨ଟି କଳସ ବାଡ଼ିରେ ପୋତା ହୋଇଥିବା ଗୁଣିଆ କହିଥିଲେ ହେଁ ଆଉ ପୂଜାପାଠ ନ କରି ପଳାଇ ଯାଇଥିଲା। ମାସାଧିକ କାଳ ଏହି ପରିବାରରେ ଏଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଥିବାବେଳେ ଗୁଣିଆ ଏଠାରୁ ପଳାଇବା ପରେ ଅଧିକ କାଳିସୀ ଲାଗି ପରିବାର ସଦସ୍ୟଙ୍କ ଦେହ ଅସୁସ୍ଥ ହୋଇ ଚାଲିଥିବା କୁହାଯାଉଛି। ସେପଟେ ଠାକୁରାଣୀଙ୍କ କୋପ ଯୋଗୁଁ ଜୀବନ ବଞ୍ଚାଇବା ପାଇଁ ପରିବାରର ୧୦ରୁ ଊର୍ଦ୍ଧ୍ୱ ସଦସ୍ୟ ପିଲାଛୁଆଙ୍କୁ ଧରି ନୀଳଗିରି ଜଗନ୍ନାଥ ମନ୍ଦିରରେ ଆଶ୍ରୟ ନେଇଥିଲେ। ଏମାନେ ନୀଳଗିରି ରାଜବାଟୀ ପରିସରରେ ଥିବା ରାଧାକିଶୋର ଜୀଉ ମନ୍ଦିର ବେଢ଼ାରେ ଆଶ୍ରୟ ନେଇଛନ୍ତି। ସମ୍ପ୍ରତି ଏହି ପରିବାର ନିଜର ସୁରକ୍ଷା ପାଇଁ ସମସ୍ତଙ୍କୁ ନେହୁରା ହେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଅନ୍ଧବିଶ୍ୱାସ ନା ଆଉ କ'ଣ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଭୟାତୁର ପରିବାର ବିଚଳିତ ନ ହୋଇ ସ୍ୱାଭାବିକ ଭାବେ ଘରେ ରହିବାକୁ ପ୍ରଶାସନ ସାହସ ଦେବା ପାଇଁ ଦାବି ହୋଇଛି।

## ଅଚାନକ ଜଳିଲା ଚଳନ୍ତା ଟ୍ରକ୍ ଅଳ୍ପକେ ବର୍ତ୍ତିଲେ ଚାଳକ



**ରେଙ୍ଗାଲି କ୍ୟାମ୍ପ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥ ସରଣ୍ଡା ବସ୍ ଷ୍ଟାଣ୍ଡ ଛକରେ ହୁ ହୁ ହୋଇ ଜଳି ଉଠିଲା ଏକ ଟ୍ରକ୍। ଉକ୍ତ ଟ୍ରକ୍‌ଟି ପାଟଣାଗଡ଼ରୁ ବରଗଡ଼ ଅତାବିରା ଦେଇ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ହେଲେ ସରଣ୍ଡା ଛକରୁ ୧୦୦ମିଟର ପଛକୁ ଚାଳକର ପାଖରେ ଥିବା ଇଞ୍ଜିନରୁ ସାମାନ୍ୟ ନିଆଁ ସହ ଧୂଆଁ ବାହାରିବା ଫଳରେ ଛକରେ ଅଟକି ରହି ସଜାଡ଼ିବା ଉଦ୍ୟମ ସମୟରେ ହଠାତ୍ ନିଆଁ ଜଳିବା ସହ ଡିଜେଲ ଟାଙ୍କି ଫାଟି ସଂପୂର୍ଣ୍ଣ ଟ୍ରକଟି ଜଳି ଉଠିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଷ୍ଟେସନ ଅଧିକାରୀ ମିଶ୍ର କିଶନ ଏଲଏଫଏଫ୍ ରାଜେନ୍ଦ୍ର ଏକ୍କା, ଏଫ୍ ଏଫ୍ ପୁରୁଷୋତ୍ତମ ସାହୁ, ବିକି ବେହେରା, ରମେଶ ପ୍ରଧାନ, ସୌମ୍ୟ ରଂଜନ ସାହୁ ପହଞ୍ଚି ଜଳୁଥିବା ଟ୍ରକ୍‌ଟିକୁ ଆୟତ୍ତ କରିଥିଲେ। ଅଳ୍ପକେ ବର୍ତ୍ତି ଯାଇଥିଲେ ଗାଡ଼ି ଚାଳକ ସାଗର ସେଠ୍। ରାସ୍ତାରେ ଅନେକ ସମୟ ଧରି ଯାତାୟାତ ବନ୍ଦ ରହିଥିଲା।

## ହାତୀ କରୁଛନ୍ତି ରାସ୍ତାରୋକ ଯାତାୟାତ ବାଧାପ୍ରାପ୍ତ

**କରଞ୍ଜିଆ, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଚଢେଇଭୋଳ ନିକଟରେ ହାତୀ ଆତଙ୍କ। ୩୦ ଟିକିଆ ଝାଡ଼ଖଣ୍ଡୀ ହାଲୀପଲ ରାସ୍ତାରୋକ କରିଛନ୍ତି। ପଡ଼ୋଶୀ ରାଜ୍ୟ ଝାଡଖଣ୍ଡରୁ ୩୦ ଟିକିଆ ହାତୀ ପଲ ଓଡ଼ିଶା ସୀମାକୁ ପ୍ରବେଶ କରିଛନ୍ତି। ହାତୀପଲ ଗୁଡିକ କରଞ୍ଜିଆରୁ ଚଢେଇଭୋଳ ରାସ୍ତାର ବଡ଼ ଦେଉଳି ରାସ୍ତାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରିବା ସହ ବହୁ ଜନଜୀବନ ହାନି ଘଟାଇଛନ୍ତି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛି।

## ମିଳୁନି ଆବାସ ଗୃହ : ଜରି ପାଲ ଟଣା ଭଙ୍ଗା ଘରେ ଚନ୍ଦ୍ରମା

**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତରେ ଏବେ ବି ଆବାସ ଗୃହରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ। ଘର ନପାଇ ଅସହାୟ ଅବସ୍ଥାରେ ଭଙ୍ଗା ଦଦରା ଘରେ ଜରି ପାଲ ଟାଣି ରହୁଛନ୍ତି ବନ୍ଧଗଡ଼ ଗାଁର ଚନ୍ଦ୍ରମା ନାୟକଙ୍କ ପରିବାର। ପରିବାରରେ ଚନ୍ଦ୍ରମା ନାୟକଙ୍କ ସହ ସ୍ୱାମୀ ଭକ୍ତ ନାୟକ ଏବଂ ପରିବାରରେ ଅନ୍ୟ ୩ ଜଣ ମିଶାଇ ୫ ଜଣ ରହୁଛନ୍ତି। ବର୍ତ୍ତମାନ ନିଜେ ରୋଜଗାର କରି ଚଳିବା ଓ ପରିବାର ପ୍ରତିପୋଷଣ କରିବା କଷ୍ଟ ହୋଇ ପଡ଼ିଥିବାବେଳେ ଘର ଖଣ୍ଡିଏ କରିବା ଅସମ୍ଭବ ହୋଇପଡ଼ିଛି। ବର୍ଷାରେ ଘର ସାରା ପାଣି ଗଳି ଯାଉଥିବାବେଳେ ଘର କାନ୍ଥ ମଧ୍ୟ ପଡ଼ି ନଷ୍ଟ ହେବାକୁ ବସିଛି। ଆବାସ ଘର ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆବାସ ଯୋଜନାରେ ଘର ଖଣ୍ଡିଏ ମଧ୍ୟ ମିଳି ପାରିନାହିଁ ତେଣୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଚନ୍ଦ୍ରମା। ତୁରନ୍ତ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଯୋଗାଇ ଦେଲେ ଉପକୃତ ହେବେ ବୋଲି ଚନ୍ଦ୍ରମା କହିଥିବାବେଳେ ତାଙ୍କୁ ତୁରନ୍ତ ଘର ଖଣ୍ଡିଏ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ଯାତ୍ରୀ ବିଶ୍ରାମାଗାର ନାହିଁ : ଲୋକଙ୍କୁ ଭରସା ବରଗଛ ଛାଇ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳର ଯାତ୍ରୀମାନଙ୍କ ପାଇଁ ବୁଢ଼ାଗୁଡ଼ା ବଜାର ଭରସା କିନ୍ତୁ ଆଜି ପର୍ଯ୍ୟନ୍ତ ବୁଢ଼ାଗୁଡା ଅଞ୍ଚଳର ବିକାଶ ଅପହଞ୍ଚ ଯୋଗୁ ଦୁର୍ଗମ ଅଞ୍ଚଳବାସୀ ବୁଢ଼ାଗୁଡ଼ା ଆସି ବହୁ ସମୟରେ ହଇରାଣ ହରକତ ହେଉଛନ୍ତି।



ପ୍ରକାଶ ଯେ, ବୁଢ଼ାଗୁଡ଼ା ଏମିତି ଏକ ମୁଖ୍ୟ ଛକ ଯେଉଁଠିକି ସିମନବାଡ଼ି, ଦାରିଙ୍ଗବାଡ଼ି, ଅଲିମାହା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ, ରାଣିପାଙ୍ଗା, ବାଲିଗୁଡ଼ା, ଓ ଉକ୍ତ ବ୍ଲକ ରତୁଙ୍ଗିଆକୁ ଯୋଗାଯୋଗ କରୁଛି। ତେବେ ଯାତ୍ରୀମାନେ ବୁଢ଼ାଗୁଡ଼ା ବଜାରକୁ ଆସିଲେ ସେଠାରୁ ଅନ୍ୟତ୍ର ଯିବାକୁ ବସ୍, ଯାତ୍ରୀବାହୀ ଅଟୋ ଆଦି ଧରିଯାଇଥାନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ସହ ଗୋଷ୍ଠୀ ଶୌଚାଳୟ କିମ୍ବା ଯାତ୍ରୀ ବିଶ୍ରାମାଗାରଟିଏ ମଧ୍ୟ ଉପଲବ୍ଧ ନାହିଁ। ଫଳରେ ବୁଢ଼ାଗୁଡ଼ା ବଜାର ଉପରେ ଥିବା ଶତାୟୁ ବର ଗଛ ଛାଇ ଯାତ୍ରୀମାନଙ୍କ ପାଇଁ ଭରସା। ଉକ୍ତ ଗଛ ତଳେ ଯାତ୍ରୀମାନେ ବର୍ଷା, ଖରା ଓ ଶୀତରେ ଗାଡ଼ିକୁ ଅପେକ୍ଷା କରିଥାନ୍ତି। ଆଜି ପର୍ଯ୍ୟନ୍ତ ଯାତ୍ରୀ ବିଶ୍ରାମାଗାର କିମ୍ବା ଯାତ୍ରୀଙ୍କ ପାଇଁ ମୌଳିକ ସୁବିଧାଟିଏ ନ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏନେଇ ସରପଞ୍ଚ ତାତୁରା ପ୍ରଧାନ କହିଛନ୍ତି ଯେ, ସେ ଯାତ୍ରୀ ବିଶ୍ରାମାଗାର ସ୍ଥାପନ ପାଇଁ ଅନେକଥର ଆକ୍ସନ ପ୍ଲାନ ଦେଇଛନ୍ତି କିନ୍ତୁ ସରକାର ଅନୁଦାନ ଦେଇ ନାହାନ୍ତି। ଅନୁଦାନ ଆସିଲେ ହିଁ ଆମେ ଯାତ୍ରୀଙ୍କ ପାଇଁ ଏହା କରିପାରିବୁ ବୋଲି କହିଛନ୍ତି।

## ଅଙ୍ଗନୱାଡ଼ି ଛାତରୁ ନାବାଳକର ମୃତଦେହ ଉଦ୍ଧାର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅଙ୍ଗନୱାଡ଼ି କେନ୍ଦ୍ର ଛାତ ଉପରୁ ମିଳିଲା ନାବାଳକର ମୃତଦେହ, ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏହିଭଳି ଘଟଣା ସାମ୍ନାକୁ ଆସିଛି କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାରୁ। ବିଲେଇପଦା ସ୍ଥିତ ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ଉପରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି। ମୃତକ ବିଲେଇପଦା ମୁଣ୍ଡା ସାହିର ଗୋବିନ୍ଦ ବବୋଙ୍ଗାଙ୍କ ୭ ବର୍ଷର ପୁଅ ଅରୁଣ ବବୋଙ୍ଗା ହୋଇଥିବା ନେଇ ସୂଚନା ମିଳିଛି। ଏହି ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ଉପର ଦେଇ ଅସୁରକ୍ଷିତ ଭାବେ ପାଖ ଦୋକାନକୁ ବିଦ୍ୟୁତ୍ ତାର ସଂଯୋଗ ଯାଇଥିବା ବେଳେ ନାବାଳକର ମୃତଦେହ ବିଦ୍ୟୁତ୍ ତାର ଉପରେ ପଡ଼ିଥିବାର ଦେଖିବାକୁ ମିଳିଛି। ତେଣୁ ଇଲେକ୍ଟ୍ରିକ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଯୋଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି।

## ଦୀର୍ଘ ଦଶ ଦିନ ହେଲା ଜିଲ୍ଲାରେ ଡାକ ସେବା ଅଚଳ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଡାକ ଘରେ ନୂତନ ସଫ୍ଟୱେର ସ୍ଥାପନ ପାଇଁ ଦୀର୍ଘ ଦଶ ଦିନ ହେଲା ଜିଲ୍ଲାରେ ଡାକ ସେବା ଠପ୍ ହୋଇ ଯାଇଛି। ଗ୍ରାହକ ନାହିଁ ନଥିବା ହଇରାଣ ହେଉଛନ୍ତି। ଭାଇ ନିକଟକୁ ପଠାଇ ଥିବା ଭଉଣୀଙ୍କ ହଜାର ହଜାର ରାକ୍ଷୀ ପଡ଼ିରହିଛି ଡାକ ଘରେ। ଚଳିତ ମାସ ପହିଲାରୁ କୋରାପୁଟ ଡାକ ଡିଭିଜନ ଅଧିନରେ ମାଲକାନଗିରି ଜିଲ୍ଲା, କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର ଜିଲାରେ ଥିବା ୨ଟି ମୁଖ୍ୟ ଡାକଘର, ୬୬ଟି ଉପ ଡାକଘର, ୫୬୨ ଶାଖା ଡାକ ଘରେ ଡାକ ସେବା ବନ୍ଦ ରହିଛି। କୋରାପୁଟ ଡିଭିଜନ ଅଧିନରେ ଥିବା ପ୍ରଧାନ ଡାକଘର, ସମସ୍ତ ଉପ-ଡାକଘର ସହ ତାଙ୍କ ଅଧିନସ୍ଥ ସମସ୍ତ ଶାଖା ଡାକଘର ଦୀର୍ଘ ୮ଦିନ ହେଲା ଅଚଳ ହୋଇଯାଇଛି। ଏହି ସବୁ ପୋଷ୍ଟ ଅଫିସରେ ପୂର୍ବରୁ ଲାଗିଥିବା କମ୍ପ୍ୟୁଟର ସଫ୍ଟୱେର ଅଚଳ ହୋଇ ପଡ଼ିଛି। ଫଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତା, ପିଏମ୍ କିଷାନ, ସୁଭଦ୍ରା ଯୋଜନା, ଏନଆରଇଜିଏସ, ସୁକନ୍ୟା, ସ୍ପିଡ୍ ପୋଷ୍ଟ, ପାର୍ସଲ, ରେଜିଷ୍ଟ୍ରିପୋଷ୍ଟ, ଏସବି, ଆରଡ଼ି, କୌଣସି ସେଭିଂ ଏକାଉଣ୍ଟ ଠାରୁ ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠପ୍ ହୋଇ ଯାଇଛି। ଚଳିତ ମାସ ବିଭିନ୍ନ ପର୍ବ-ପର୍ବାଣୀ, ଯାନିଯାତ୍ରା ଓ ରକ୍ଷା ବନ୍ଧନ ଥିବାବେଳେ ପୋଷ୍ଟାଲ କାର୍ଯ୍ୟ ଅଚଳ ହୋଇଯାଇଥିବାରୁ ଉପଭୋକ୍ତା ଓ ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି।

# ଖାମ୍‌ଖିଆଲି ଚିକିତ୍ସା ପାଇଁ ତେଜୁଛି ଜନ ଅସନ୍ତୋଷ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସମସ୍ୟା ଅସମାହିତ ହୋଇପଡ଼ିଥିବାବେଳେ ଏଠାରେ ରୋଗୀଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ମଧ୍ୟ ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ଡାକ୍ତରଖାନାରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ସ୍ଲାବ୍ କିମ୍ବା ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବଦଳରେ ବର୍ଜ୍ୟବସ୍ତୁ ତଥା କାର୍ଡବୋର୍ଡରେ ଚିକିତ୍ସା କରାଯିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ପରେ ଜିଲା ମୁଖ୍ୟ ଡାକ୍ତରଖାନାର ଏଭଳି ଚିକିତ୍ସା ପଦ୍ଧତିକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. କୁବେର ମହନ୍ତଙ୍କୁ ପଚାରିବାରୁ ସେ କହିଥିଲେ, ଭାଇରାଲ ହେଉଥିବା ଭିଡିଓ, ଫଟୋ କେଉଁଠିକାର ଏବଂ କେବେ ସେଭଳି ହୋଇଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେହିପରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଶେଷଜ୍ଞ ନାହାନ୍ତି, ଯଦି ସେଭଳି କିଛି ହୋଇ ଥିବ, ତାହା ଆଟେଣ୍ଡାଣ୍ଟମାନେ ଭୁଲ୍‌ରେ କରିଥିବେ ବୋଲି ସେ କହିଥିଲେ। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବରଗଡ଼ ଗସ୍ତରେ ଆସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନେ ସେ ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରିବାରୁ ମନ୍ତ୍ରୀ ଡା. ମହାଲିଙ୍ଗ କିଛି ଉତ୍ତର ରଖି ନ ଥିଲେ।

ଉକ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସମସ୍ୟା ନୂଆଁ ନୁହେଁ। ଏଠାରେ ବିଦ୍ୟୁତ୍ ସେବା ଠପ୍ ପଡ଼ିବାରୁ



ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ରୋଗୀଙ୍କ ଚିକିତ୍ସା ଚାଲିଥିବାର ନଜୀର ରହିଥିବାବେଳେ ବିଭିନ୍ନ ପରୀକ୍ଷା ସେବା ମଧ୍ୟ ଅନେକ ସମୟରେ ଉପଲବ୍ଧ ହେଉ ନାହିଁ। ତେବେ ତାହା ସାଧାରଣରେ ପରିଣତ ହୋଇଥିବା ବେଳେ ଏବେ କାର୍ଡବୋର୍ଡରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ଏଠାରେ ଚାଲୁଥିବା ଘଟଣା ସାମ୍ନାକୁ ଆସିବା ପରେ ଘଟଣାଟି ଆଲୋଡ଼ନ ଖେଳାଇ ଦେଇଛି।

ମିଳିଥିବା ସୂଚନାନୁଯାୟୀ, ଏକାଧିକ ଥର ଏଠାରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଭଳି କାର୍ଡବୋର୍ଡରେ ପ୍ରାଥମିକ ଚିକିତ୍ସା କରାଯାଇ ଭୀମସାର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗତ ୩ ତାରିଖ ବରଡ଼ୋଲ ମିଲ୍ ପାଖରେ ଏବଂ ୫ତାରିଖ ପଥର୍ଲା ପାଖରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଏଭଳି ଚିକିତ୍ସା କରାଯାଇ ଥିଲା ଏବଂ ଭାଇରାଲ ହେଉଥିବା ଫଟୋ, ଭିଡିଓ ସମ୍ପୃକ୍ତ ଆହତଙ୍କ ଚିକିତ୍ସା ସମୟର ବୋଲି ସାଧାରଣରେ ଆଲୋଚିତ ହେଉଛି।

ତେବେ କାର୍ଡବୋର୍ଡ ଏକ ବର୍ଜ୍ୟବସ୍ତୁ ହୋଇଥିବାବେଳେ ଦୁର୍ଘଟଣାରେ ଆହତଙ୍କୁ ସେଭଳି ଚିକିତ୍ସା ଦ୍ୱାରା ସଂକ୍ରମଣର ଆଶଙ୍କା ଅଧିକ ରହିଛି। ଏହାସତ୍ତ୍ୱେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କିଭଳି ସ୍ଥିତିରେ ସେଭଳି ଚିକିତ୍ସାକୁ ବିଭାଗୀୟ କର୍ମଚାରୀମାନେ ଆପଣାଇ ନେଇଛନ୍ତି ଏବଂ ଏପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ମଧ୍ୟ ସେଥିପ୍ରତି ଅବଗତ ନାହାନ୍ତି, ତାକୁ ନେଇ ଏବେ ସବୁଠି ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚାଲିଥିବା ଏଭଳି ଖାମଖିଆଲି ଚିକିତ୍ସା ପ୍ରତିବାଦରେ ଜନ ଅସନ୍ତୋଷ ତେଜି ଉଠିଥିବାବେଳେ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି।

## ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ

**ଲାଞ୍ଜିଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ପରାବାହାଲି ଗାଁରେ ପାଠ ପଢିବାକୁ ଇଚ୍ଛା ଥିଲେ ମଧ୍ୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଉକ୍ତ ଗାଁରେ ଆଦିବାସୀ ସମ୍ପ୍ରଦାୟର ୨୦ ପରିବାର ବସବାସ କରନ୍ତି। ଗାଁରେ ପାଠ ପଢିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ବଣପାହାଡ଼ ଘେରା ରାସ୍ତାରେ ପିଲାମାନେ ୪କି.ମି. ଦୂର ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି। କିନ୍ତୁ ସେଠାରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ରହିଥିବାରୁ ଛାତ୍ରୀଛାତ୍ରଙ୍କ ଆଗକୁ ପାଠ



ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଗାଁର ଛାତ୍ରୀଛାତ୍ର ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡ଼ା ଆବାସିକ ବିଦ୍ୟାଳୟକୁ ଯାଇଥିଲେ ମଧ୍ୟ ନାମଲେଖା ସମ୍ପୂର୍ଣ୍ଣ ହୋଇସାରିଛି, ଆଉ ଲେଖାଯାଇପାରିବ ନାହିଁ ବୋଲି ମନା କରିଦେବାରୁ ଆମେ ଫେରି ଆସିଲୁ ବୋଲି ଛାତ୍ରୀଛାତ୍ରଙ୍କ ସହିତ ସେମାନଙ୍କ ଅଭିଭାବକ ମତପ୍ରକାଶ କରିଛନ୍ତି।

ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ପିଲାଙ୍କୁ ପାଠ ପଢ଼ାଇବା ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କୁ ପଚାରିବାରୁ ସେ ଅଞ୍ଚଳକୁ ପରିଦର୍ଶନ କରିଥିଲି। ଅଧାରୁ ପାଠ ଛାଡିଥିବା କିଛି ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଆବାସିକ ବିଦ୍ୟାଳୟରେ ନାମ ଲେଖାସରିଛି। ଏହାଛଡ଼ା ବ୍ଲକରେ ସର୍ଭେ କରାଯାଇ ଯେଉଁ ଛାତ୍ରୀଛାତ୍ର ଅଧାରୁ ପାଠପଢା ଛାଡ଼ିଛନ୍ତି ଆସ ସ୍କୁଲ ଯିବା ଅଭିଯାନରେ ସମସ୍ତଙ୍କୁ ବିଦ୍ୟାଳୟରେ ନାମ ଲେଖାଇବୁ ବୋଲି ପ୍ରକାଶ କରିଥିଲେ।

## ୯ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଚାଷୀ ହତାଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୯ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରହିଛି। ଏଥିପାଇଁ ଚାଷ କାମ ଆଗେଇ ପାରୁନାହିଁ। ଜମିରେ ପାଣି ନଥିବାରୁ ରୁଆ, ଖେଳିଆ ଓ ବେଉଷଣ ଆଗେଇ ପାରୁନି। ଚାଷୀ ବର୍ଷାକୁ ଚାହିଁ ବସିଥିବାବେଳେ ଅଗଷ୍ଟ ପ୍ରଥମ ସପ୍ତାହରୁ ତାପମାତ୍ରା ୨ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଛି। ଟାଣଖରା ଯୋଗୁ ଜମିରୁ ପାଣି ଶୁଖିଗଲାଣି। ଜୁଲାଇ ଶେଷ ସୁଦ୍ଧା ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ ୧୩% ଅଧିକ ଥିଲା। ୯ ଦିନ ହେଲା ବର୍ଷା କମିଥିବାରୁ ଏବେ ସ୍ୱାଭାବିକ ଠାରୁ ୩% ନିଅଣ୍ଟିଆ ରହିଛି।

ଗଜପତି, ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ନିଅଣ୍ଟିଆ ସ୍ଥିତି ରହିଛି। ପାଣିପାଗ ବିଭାଗ ତଥ୍ୟ ଅନୁସାରେ, ଆଗକୁ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏବେ ଗଜପତି ଜିଲ୍ଲାରେ ସର୍ବାଧିକ ୪୦% ନିଅଣ୍ଟିଆ ବର୍ଷା ସ୍ଥିତି ରହିଛି। ପୁରୀରେ ୩୭% ଥିବାବେଳେ ରାୟଗଡ଼ା ୩୪%, କଳାହାଣ୍ଡି ୩୩%, ବଲାଙ୍ଗିର ଓ ନବରଙ୍ଗପୁରରେ ୨୪%, ନୂଆପଡ଼ା ୨୨%, ଗଞ୍ଜାମ ୨୮% ଏବଂ ଖୋର୍ଦ୍ଧାରେ ୨୩% ନିଅଣ୍ଟିଆ ସ୍ଥିତି ରହିଛି। ମୟୂରଭଞ୍ଜ, ଦେବଗଡ଼, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ସ୍ୱାଭାବିକରୁ ଅଧିକ ବର୍ଷା ହୋଇଛି। ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକ ବର୍ଷା ହୋଇଛି।

# ବିପଦସଙ୍କୁଳ ଅବସ୍ଥାରେ ନୂଆ ବ୍ରାହ୍ମଣୀ ସେତୁ

**ପରଜଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ-ଅନୁଗୋଳ ଜିଲାକୁ ସଂଯୋଗ କରୁଥିବା ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସେତୁ ନିମ୍ନମାନର ହୋଇ ଥିବାରୁ ଭୁଶୁଡ଼ି ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ପରଜଙ୍ଗ ବାଇପାସ୍ ଓ ଘୋଡ଼ାଡ଼ିଆ ନାଳ ପୋଲ ରାସ୍ତା ନିର୍ମାଣ ଶେଷ ହୋଇନଥିଲେ ମଧ୍ୟ ଖଇରାମୁଣ୍ଡା ଠାରେ ଟୋଲ ଫି ଆଦାୟ ହେଉଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟୋଲ ଫି ଆଦାୟ ବନ୍ଦ ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବା ବୋଲି ସେମାନେ ଚେତାବନୀ ଦେଇଛନ୍ତି। ୫୩ ନମ୍ବର ଜାତୀୟ ରାଜପଥର



ତାଳଚେର-କାମାକ୍ଷାନଗର-ଡୁବୁରୀ-ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ୨୦୧୯ରେ ଶିଳାନ୍ୟାସ ହୋଇଥିଲା। ରାସ୍ତା ନିର୍ମାଣ ୨୦୨୧ ଅଗଷ୍ଟରେ ସମ୍ପୂର୍ଣ୍ଣ ନିମନ୍ତେ ସମୟସୀମା ଧାର୍ଯ୍ୟ ରହିଥିଲା। କୋଭିଡ୍ ଯୋଗୁଁ ସମ୍ପ୍ରସାରଣ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ତରବରିଆ ଭାବେ ଜଟିଆ ବ୍ରାହ୍ମଣୀ ପୋଲ ନିର୍ମାଣକୁ ଅତି ନିମ୍ନମାନର କାର୍ଯ୍ୟ କରି ସାରିଥିଲେ। ପରଜଙ୍ଗ ବାଇପାସ୍ ଓ ଘୋଡ଼ାଡ଼ିଆ ନାଳ ପୋଲ ରାସ୍ତା ନିର୍ମାଣ ଶେଷ ହୋଇନଥିଲେ ମଧ୍ୟ ଖଇରାମୁଣ୍ଡା ଠାରେ ଟୋଲ ଫି ଆଦାୟ ହେଉଛି। ବ୍ରାହ୍ମଣୀ ପୋଲ ନିର୍ମାଣ ହେଉଥିବା ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜପଥର ମୁଖ୍ୟ କାର୍ଯ୍ୟାଳୟରୁ ଅଧିକାରୀମାନେ ନାମକୁ ମାତ୍ର ତଦାରଖ କରିଥିଲେ। ନୂତନ ସେତୁ ଉପରେ କିଛି ମାସ ଗାଡ଼ି ଚଳାଚଳ କରିବା ଫଳରେ ସେତୁର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ସେତୁଟିର ଅବସ୍ଥା ଶୋଚନୀୟ ହୋଇପଡ଼ିବାରୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇ ଥିଲା। ପରେ ଜଗ୍ ଲଗାଇ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ସେତୁ ମରାମତି କାର୍ଯ୍ୟ ଶେଷ ହୋଇନଥିବା ବେଳେ ଟୋଲ ଫି ଆଦାୟ କରିବାକୁ ଧାର୍ଯ୍ୟ ରହିଛି। ଏଠି ଯାଜପୁର-ଢେଙ୍କାନାଳ-ଅନୁଗୋଳ ଜିଲ୍ଲାର ଏକମାତ୍ର ସଂଯୋଗକାରୀ କୁହାଯାଉଥିବା ବ୍ରାହ୍ମଣୀ ନୂତନ ପୋଲ ସଠିକ୍ ଭାବେ ନିର୍ମାଣ କରାନଯାଇ ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ସେତୁରେ ଭାରୀଯାନ, ବସ୍, କାର୍ ଚଳାଚଳ ପାଇଁ ସୁବନ୍ଦୋବସ୍ତ ନଥାଇ ଟୋଲ ଫି ଆଦାୟ ନିଷ୍ପତ୍ତିକୁ ଅଞ୍ଚଳ-ବାସୀ ତୀବ୍ର ବିରୋଧ କରିଛନ୍ତି। ଘୋଡ଼ାଡ଼ିଆ ନାଳ ପୋଲ, କୁନାଲ ଅସ୍ଥାୟୀ ଶିବିର ରାସ୍ତା, ପିତିରି ଛକ ପାର୍ଶ୍ୱ ରାସ୍ତା ସମେତ ବ୍ରାହ୍ମଣୀ ନଦୀ ନୂତନ ପୋଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ସାରିବା ପରେ ଟୋଲ ଫି ଆଦାୟ କରିବାକୁ ଦାବି କରିଛନ୍ତି। କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଟୋଲ ଫି ଆଦାୟ ସ୍ଥଗିତ ରଖାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତର ସଙ୍କଟମୋଚକ ସାଜିବେ ୨ ଦେଶ

ବଡ଼ ପ୍ଲାନ କରୁଛି ଭାରତ। ଆମେରିକାଠୁ ନେବ ବଦଲା। ଏବେ ଥରହର ଡୋନାଲ୍ଡ ଟ୍ରମ୍ପ। ମିତ୍ର ମିତ୍ର କହି ଭାରତର ଚେର କାଟୁଛି ଆମେରିକା। ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ଭାରତ। ନୂଆ ବଜାର ଉପରେ ଭାରତର ନଜର। ଯାହାକୁ ନେଇ ଚିନ୍ତାରେ ଟ୍ରମ୍ପ ସରକାର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଘୋଷଣା କରିଛନ୍ତି। ଭାରତ ଏବେ ଆମେରିକାର ଏହି ଟାରିଫ୍‌କୁ ମୁକାବିଲା କରିବାର ଉପାୟ ଖୋଜୁଛି। ଭାରତରୁ ଆମେରିକା ମାଛ ଏବଂ ସାମୁଦ୍ରିକ ଖାଦ୍ୟ ଆମଦାନୀ କରୁଛି। ଦେଶର ମାଛ ରପ୍ତାନି ଉପରେ ଟାରିଫ୍‌ର ଗମ୍ଭୀର ପ୍ରଭାବ ବିଷୟରେ ଚିନ୍ତା ମଧ୍ୟରେ, ସରକାର ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀମାନଙ୍କୁ ଚିଙ୍ଗୁଡ଼ି ଏବଂ ଅନ୍ୟାନ୍ୟ ମାଛ କିସମ ବିକ୍ରୟ କରିବା ପାଇଁ ବିକଳ୍ପ ବଜାର ଖୋଜିବା ଆରମ୍ଭ କରିବାକୁ କହିଛନ୍ତି। କେନ୍ଦ୍ର ମତ୍ସ୍ୟ ଏବଂ ପଶୁପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏହି ବିଷୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ସେ କହିଛନ୍ତି, ଆମେ ସେମାନଙ୍କୁ (ରପ୍ତାନିକାରୀମାନଙ୍କୁ) ବର୍ତ୍ତମାନର ଚ୍ୟାଲେଞ୍ଜକୁ ସାହସର ସହିତ ସାମ୍ନା କରିବାକୁ କହିଛୁ। ବିକଳ୍ପ ବଜାର ଉପଲବ୍ଧ। ଯେଉଁଠାରେ ଇଚ୍ଛାଶକ୍ତି ଅଛି, ସେଠାରେ ଏକ ଉପାୟ ଅଛି। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ନୂତନ ବଜାର ପାଇବା ପାଇଁ, ବ୍ୟବସାୟୀମାନଙ୍କୁ ଅଧିକ ମୂଲ୍ୟ ବୃଦ୍ଧି ଏବଂ ଉତ୍ତମ ପ୍ୟାକେଜିଂର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ପଡିବ। ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଆମେ ସେମାନଙ୍କୁ (ରପ୍ତାନିକାରୀମାନଙ୍କୁ) ଏହି ଦିଗରେ କାମ କରିବାକୁ କହିଛୁ। ଗତ ଦଶ ବର୍ଷ ମଧ୍ୟରେ ଭାରତର ମାଛ ରପ୍ତାନି ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ୩୦ ହଜାର କୋଟି ଟଙ୍କାରୁ ଦ୍ୱିଗୁଣିତ ହୋଇ ୬୦ ହଜାର କୋଟି ଟଙ୍କା ହୋଇଛି।

ଭାରତ ଆମେରିକାକୁ ଫ୍ରୋଜେନ ଚିଙ୍ଗୁଡ଼ି ଏବଂ ସାମୁଦ୍ରିକ ଖାଦ୍ୟ ଯୋଗାଣ କରେ। ୨୦୧୫ରେ ଆମେରିକାକୁ ଭାରତର ସାମୁଦ୍ରିକ ଖାଦ୍ୟ ଯୋଗାଣର ବଜାର ଅଂଶ ୨୪.୪% ଥିଲା, ଯାହା ୨୦୨୪ରେ ବୃଦ୍ଧି ପାଇ ୪୦.୬% ହୋଇଛି। କିନ୍ତୁ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ପରେ, ଏହା ଏବେ ଯୋଗାଣକୁ ପ୍ରଭାବିତ କରିବ, ତେଣୁ ଦେଶକୁ ବିକଳ୍ପ ବଜାର ଖୋଜିବାକୁ କୁହାଯାଇଛି। ଭାରତ ପୂର୍ବରୁ ଆମେରିକା ସହିତ ମାଛ ବ୍ୟବସାୟ କରୁଥିଲା। ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି ହେଉଥିଲା। କିନ୍ତୁ ଏବେ ଯେତେବେଳେ ଆମେରିକା ଭାରତ ଉପରେ ଟାରିଫ୍ ଲଗାଇଛି, ବ୍ୟବସାୟୀମାନେ ସତର୍କ ହୋଇଯାଇଛନ୍ତି। ଭାରତର ସାମୁଦ୍ରିକ ଖାଦ୍ୟ ଯୋଗାଣ ପାଇଁ କିଛି ବିକଳ୍ପ ବଜାରରେ ୟୁକେ, ୟୁରୋପୀୟ ସଂଘ (ଇୟୁ), ଓମାନ, ୟୁଏଇ, ଦକ୍ଷିଣ କୋରିଆ, ରୁଷିଆ ଏବଂ ଚାଇନା ଅନ୍ତର୍ଭୁକ୍ତ। ଦକ୍ଷିଣ କୋରିଆରେ ସାମୁଦ୍ରିକ ଖାଦ୍ୟ ବହୁତ ବ୍ୟବହୃତ ହୁଏ, ଯାହା ଯୋଗୁ ଦକ୍ଷିଣ କୋରିଆକୁ ବିଶେଷ ଧ୍ୟାନ ଦିଆଯିବ। ଭାରତ ଏବେ ରୁଷିଆର ବଜାର ଆଡ଼କୁ ଚାହିଁ ରହିଛି, ଯାହା ସହିତ ଟ୍ରମ୍ପ ତେଲ ବାଣିଜ୍ୟ ଯୋଗୁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଇଛନ୍ତି। ତେବେ ଆଗକୁ ଭାରତ କେଉଁ ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର।

# ଆସ୍ଥା ଓ ବିଶ୍ୱାସର ପର୍ବ ଜନ୍ମାଷ୍ଟମୀ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଭାରତବର୍ଷ ଦେବଭୂମୀ। ଏଠାରେ ଦେବାକ୍ତି ଓ ଦେବ ଉପାସନାର ପରମ୍ପରା ବହୁ ପ୍ରାଚୀନ। ଏହା ସନାତନ ଧର୍ମ ନାମରେ ପରିଚିତ। ବହୁ ଧାର୍ମିକ ପରମ୍ପରା ଏ ଭୂମୀରେ ସୃଷ୍ଟି ହୋଇଛି। ଏହି ଭାରତ ଭୂମୀ ସମସ୍ତ ଧର୍ମର ଆରାଧନା ଓ ସାଧନା ପାଇଁ ମୁକ୍ତ ସ୍ୱାଧୀନତା ଦେଇଛି। ଏ କ୍ଷେତ୍ରରେ ଓଡିଶା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଶ୍ରୀକ୍ଷେତ୍ର ହିଁ ସକଳ ଧର୍ମର ଆରାଧନା ଓ ସାଧନାର ମିଳନ କ୍ଷେତ୍ର। ସେଥିପାଇଁ ତ ଭାରତୀୟ ସମାଜ ଓ ଧର୍ମ ଧାରାରେ ଓଡିଶା ଏକ ପବିତ୍ର ଭୂମୀ ରୂପେ ନିଜର ପରିଚୟ ପ୍ରଦାନ କରି ଆସିଛି। ଆର୍ଯ୍ୟ ଋଷିଙ୍କ ଉଦାତ୍ତ କଣ୍ଠରୁ ନିସୃତ ବାଣି କହେ- 'ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳଂସମ। ଉତ୍କଳସ୍ୟ ସମଦେଶଃ ଦେଶୋନାସ୍ତି ମହିତଳେ।'(କପିଳ ସଂହିତା) ଯୁଗେ ଯୁଗେ ଉତ୍କଳ ଧର୍ମକ୍ଷେତ୍ରର ଭୂମିକା ଗ୍ରହଣ କରି ଆସିଛି। ସର୍ବ ଧର୍ମର ସମନ୍ୱୟ ଘଟିଛି, ଏହି ପବିତ୍ର ଭୂମୀରେ। ସେହି କ୍ରମରେ ବିଷ୍ଣୁ ଉପାସନା ମୂଳକ ଧର୍ମ ହିଁ ବୈଷ୍ଣବ ଧର୍ମ। ଏହି ଧର୍ମର ପ୍ରାଚୀନ ନାମ ହେଉଛି- ଭାଗବତ ଧର୍ମ। ଏହି ଧର୍ମର ଉପାସ୍ୟ ଦେବତା ହେଉଛନ୍ତି, ଭଗବାନ ଶ୍ରୀକୃଷ୍ଣ। ଭୌମକର ରାଜବଂଶର ତ୍ରିଭୂବନ ମହାଦେବୀ ଥିଲେ ପରମ ବୈଷ୍ଣବୀ। ଗଙ୍ଗ ରାଜତ୍ୱ କାଳରେ ଓଡିଶାରେ ବୈଷ୍ଣବ ଧର୍ମର ବିକଶିତ ରୂପ ଦେଖିବାକୁ ମିଳେ। ଦ୍ୱାଦଶ ଶତାବ୍ଦୀରେ ରାମାନୁଜ ବୈଷ୍ଣବ ଧର୍ମର ପ୍ରଚାରକ ଭାବେ ପୁରୀକୁ ଆସିଥିଲେ। ଉତ୍କଳ ମାଟିରେ ଭକ୍ତିଧର୍ମ ତଥା ବୈଷ୍ଣବ ଧର୍ମର ପ୍ରାଚୀନତା ବହୁ ପୁରାତନ।

ଲୋକାଚାର ମଧ୍ୟରେ ଧର୍ମାଚାର ହେଉଛି, ଅନ୍ୟ ଏକ ବିଭାଗ। ଏଥିରେ ଓଷା ବ୍ରତ, ପର୍ବପର୍ବାଣୀ, ପୂଜାବିଧି ଆଦି ଅନ୍ତର୍ଭୁକ୍ତ। ଓଡିଶାରେ ବିଭିନ୍ନ ନାମରେ ବିଭିନ୍ନ ଧର୍ମୀୟ ଓଷାବ୍ରତ ପାଳନ କରାଯାଏ। ଯାହା ମଣିଷକୁ ମହାନ ଭଗବତ ଚେତନା ସହ ଯୋଡିଥାଏ। ଏହାସହ କାମନା, ବାସନା, ଇଚ୍ଛା ଓ ଅଭିଳାଷ ପୂରଣ ଅଭିପ୍ରେତ। ମଣିଷକୁ ମାନବିକତାର ଅମୃତ ଧାରାରେ ନିୟନ୍ତ୍ରିତ ଓ ଶୃଙ୍ଖଳିତ କରି ଏକ ସୁନ୍ଦର ଜୀବନ ଗଢି ତୋଳିବାରେ ଓଷାବ୍ରତ ଓ ପର୍ବ ପର୍ବାଣୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଧାର୍ମିକ ଚିନ୍ତନ ସମଗ୍ର ଲୋକ ସମାଜର। ଏହା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକ ଚାଟିଆ ନୁହେଁ। ସେହିପରି ପର୍ବପର୍ବାଣୀ ଲୋକ ଜୀବନର ସାରଲ୍ୟ, ସୌକୁମାର୍ଯ୍ୟ, ସହଜ ବିଶ୍ୱାସ ଓ ସୃଷ୍ଟିଶୀଳତାର ସ୍ୱାକ୍ଷର ବହନ କରେ। ଓଡିଶାରେ ପୁରପଲ୍ଲୀରେ ସାଧାରଣ ଜନତା ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାନ୍ତି। ପ୍ରବାଦ ଅଛି ବାରମାସରେ ତେର ପର୍ବ। ଏହି ପର୍ବପର୍ବାଣୀ ଗୁଡିକ ନିଷ୍ଠାର ସହ ପାଳନ କରାଯାଏ। ପରମ୍ପରାକୁ ସମ୍ମାନ ଦେବା ସହ ମନ ଭିତରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରି ନିଜର ମାନସିକ ପୂରଣ କରିବା ହେଉଛି, ପର୍ବପର୍ବାଣୀର ମୂଳ ଲକ୍ଷ୍ୟ। ଯୁଗ ପରିବର୍ତ୍ତନର ବହୁ ପୂର୍ବରୁ ପାଳିତ ପର୍ବପର୍ବାଣୀ ଗୁଡିକ ନିଜର ଗୁରୁତ୍ୱ ଓ ସ୍ୱତନ୍ତ୍ରତା ବଜାୟ ରଖି ଆସିଛି। ପର୍ବପର୍ବାଣୀ ଦିନ , ବାର, ବେଳା ଆଦି ପାଞ୍ଜି ଅନୁସାରେ ସ୍ଥିର କରାଯାଇ ଥାଏ। ଲୋକମାନଙ୍କ ମଧ୍ୟରେ ସାମାଜିକ ଐକ୍ୟତା ସୃଷ୍ଟି କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଜାତି ଧର୍ମ ନିର୍ବିଶେଷରେ ନିଜର ସକ୍ଷମ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ପର୍ବ ଗୁଡିକୁ ପ୍ରାଚୀନ କାଳରୁ ଚଳି ଆସୁଥିବା ନିୟମ ଅନୁସାରେ ପାଳନ କରିଥାନ୍ତି। ଆବାଳ ବୃଦ୍ଧ ବନିତା ଏହି ପର୍ବ ଗୁଡିକୁ ପାଳନ କରି ଦେବାଦେବୀ ମାନଙ୍କୁ ସନ୍ତୁଷ୍ଟ କରୁଥିବାର ମାନସିକ ଶାନ୍ତି ପାଇଥାନ୍ତି। ଏହି ପର୍ବ ଗୁଡିକ ମଧ୍ୟରେ ଜନ୍ମାଷ୍ଟମୀ ଅନ୍ୟତମ। ହିନ୍ଦୁ ଧର୍ମର ଏହା ଏକ ବଡ ପର୍ବ। ଏହି ଦିନଟି ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମତିଥୀ। ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ସାରା ଭାରତବର୍ଷରେ ପାଠ କରାଯାଇଥାଏ। ଯେତେବେଳେ ସଂସାରରେ ଧର୍ମ ହାନି ହୋଇ ଅଧର୍ମ ବ୍ୟାପୀଯାଏ, ସେତେବେଳେ ଭଗବାନ ସ୍ୱୟଂ ସଂସାରରେ ଅବତୀର୍ଣ୍ଣ ହୋଇ, ସାଧୁସନ୍ଥଙ୍କୁ ଉଦ୍ଧାର କରି ଦୁଷ୍ଟ ମାନଙ୍କୁ ବିନାଶ କରି, ଧର୍ମ ସଂସ୍ଥାପନ କରନ୍ତି। ସେଥିପାଇଁ ଭଗବତ୍ ଗୀତାର ଚତୁର୍ଥ ଅଧ୍ୟାୟରେ କୁହାଯାଇଛି- ଯଦା ଯଦା ହି ଧର୍ମସ୍ୟ, ଗ୍ଲାନି ଭବତି ଭାରତ, ଅଭ୍ୟୁଥାନମ୍ ଧର୍ମସ୍ୟ ତଦାତ୍ମନଂ ସୃଜାମ୍ୟହଂ, ପରିତ୍ରାଣାମ୍ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ, ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ। ପ୍ରଭୁ ଶ୍ରୀକୃଷ୍ଣ ଭଗବାନଙ୍କ ଅବତାର। ସେ ଅନନ୍ତ, ଅବ୍ୟକ୍ତ, ସେ ହିଁ ମହିମାବନ୍ତ, ଅଲୌକିକ, ଅସାଧାରଣ ପୁରୁଷ। ତେଣୁ କୁହା ଯାଇଛି- 'ଏତେ ଚାଂଶଶକଳା ପୁଂସ କୃଷ୍ଣସ୍ତୁ ଭଗବାନ ସ୍ୱୟଂ'। ସେ ଧର୍ମର ପ୍ରତିଷ୍ଠା କରି ଅଧର୍ମର ବିନାଶ କରିବା ନିମନ୍ତେ ଭାଦ୍ରବ ମାସର ଘନ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ର ଅନ୍ଧକାର ରାତ୍ରିର ପବିତ୍ର ଦିବସରେ ଜନ୍ମ ଗ୍ରହଣ କରିଥିବାରୁ ସମଗ୍ର ଭାରତବର୍ଷର ଜନମାନସରେ ସେହି ଦିନଟିକୁ ଜନ୍ମାଷ୍ଟମୀ ଭାବେ ପାଳନ କରି ଆସୁଛନ୍ତି। ପୁରାଣ ଅନୁସାରେ ନିଷ୍ଠୁର କଂସାସୁରର ଅତ୍ୟାଚାରରେ ଦେବ ମାନବ, ସମଗ୍ର ଆର୍ଯ୍ୟବର୍ତ୍ତ ଅତିଷ୍ଠ ହୋଇ ପଡିଥିଲେ। ଅନନ୍ତ ଶୟନ ଜଳଶାୟୀ ବିଷ୍ଣୁଙ୍କୁ ପ୍ରାର୍ଥନା କରି ସମସ୍ତେ ଗୁହାରୀ ଜଣାଇଲେ। ବିଷ୍ଣୁ ଅଭୟ ପ୍ରଦାନ କରି କହିଲେ, ମୁଁ ଖୁବ ଶୀଘ୍ର ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେବି। ସାଧୁସନ୍ଥଙ୍କୁ ପରିତ୍ରାଣ କରି ଦୃଷ୍ଟ ଦୂରାଚାରୀ କଂସକୁ ନିଧନ କରିବି। ଏପଟେ କଂସର ଅତ୍ୟାଚାରରେ ମଥୁରା ନଗରୀର ସମଗ୍ର ଆର୍ଯ୍ୟବର୍ତ୍ତ ଭୟ ଏବଂ ଆତଙ୍କରେ ଅତିଷ୍ଠ ହୋଇ ପଡିଥିଲେ। ସାଧୁ ସନ୍ଥ ଓ ସନ୍ୟାସୀ ମାନେ ମଧ୍ୟ ଭଗବାନଙ୍କ ଗୁଣ କୀର୍ତ୍ତନ କରିବାର ସାହସ କରି ପାରୁ ନଥିଲେ। କଂସ ତାର ଭଉଣୀ ଦେବକୀଙ୍କୁ ବିବାହ ପରେ ଏକ ସୁସଜ୍ଜିତ ରଥରେ ବସାଇ ଗଲାବେଳେ ଶୂନ୍ୟବାଣୀ ହେଲା। 'ରେ କଂସ, ତୁ ଯାହାକୁ ରଥରେ ବସାଇ ଆନନ୍ଦରେ ଗମନ କରୁଛୁ, ସେଇ ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୋ ମୃତ୍ୟୁର କାରଣ ହେବ'। କଂସ ଅଧା ବାଟରୁ ଫେରି ଆସି ଦେବକୀ ଓ ଜାମାତା ବସୁଦେବଙ୍କୁ ବନ୍ଦୀଶାଳାରେ ବନ୍ଦୀ କରି ରଖିଲା। ବନ୍ଦୀଶାଳାରେ ଦେବକୀ ଗର୍ଭରୁ ଜାତ ଛଅଟି ସନ୍ତାନକୁ ଗୋଟିଏ ପରେ ଗୋଟେ ଶୀଳାରେ କଚାଡି ହତ୍ୟା କରି ଚାଲିଲା। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥୀର ବର୍ଷାରାତିର ନିଶାର୍ଦ୍ଧରେ ମଥୁରା ନଗରୀର କାରାଗାରରେ ଦେବକୀ ଓ ବସୁଦେବଙ୍କ କୋଳ ମଣ୍ଡନ କରିଥିଲେ ଶ୍ରୀକୃଷ୍ଣ। ତାଙ୍କ ଜନ୍ମରେ ସ୍ୱର୍ଗ ପୁରରୁ ପୁଷ୍ପ ବୃଷ୍ଟି ହୋଇ ପୃଥିବୀ ପୃଷ୍ଠରୁ ଅନ୍ଧକାର ଅପସରି ଯାଇ ଦିବ୍ୟାଲୋକରେ ବସୁଧା ଚମକି ଉଠିଲା। ଭଗବାନଙ୍କ ନିର୍ଦ୍ଦେଶରେ ଦେବକୀ ଓ ବସୁଦେବଙ୍କ ବନ୍ଧା ଯାଇଥିବା ଶିକୁଳି ଆପେ ଆପେ ଖୋଲିଗଲା। ସ୍ୱତଃ କାରାଗାରର ସମସ୍ତ ଦ୍ୱାର ଉନ୍ମୁକ୍ତ ହୋଇଗଲା। ପ୍ରହରୀ ମାନେ ମାୟା ନିଦ୍ରାରେ ନିଦ୍ରିତ ଅବସ୍ଥାରେ ରହିଲେ। ଦିବ୍ୟ ବେଶରେ ବସୁଦେବ ନବଜାତ ଶିଶୁ କୃଷ୍ଣଙ୍କୁ ମସ୍ତକରେ ଧାରଣ କରି ଗୋପପୁରକୁ ବାହାରିଲେ। କୃଷ୍ଣଙ୍କୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ସପ୍ତଫେଣୀ ନାଗ ଛତ୍ର ଆକାରରେ ଘୋଡାଇ ରଖିଥିଲେ। ବସୁଦେବଙ୍କ ବାଟ ଓଗାଳି ଥିଲେ କଂସାସୁରର ପିତା ତଥା ଜଗୁଆଳୀ ଉଗ୍ରସେନ। ଶ୍ରୀକୃଷ୍ଣଙ୍କ ଚତୁର୍ଭୂଜ ସ୍ୱରୂପ ଦେଖି ବାଟ ଛାଡି ଦେଇଥିଲେ। ପଥରେ ଯମୁନାନଦୀର ଅକାତ କାତ ଜଳରାଶି ଓ ଗର୍ଜନ ଶୁଣି ବସୁଦେବ ଭୟଭୀତ ଏବଂ ଚିନ୍ତିତ ହୋଇ ପଡିଲେ। ଠିକ ସେହି ସମୟରେ ଯମୁନାର ଜଳ ଦୁଇଭାଗ ହୋଇ ମଝିରେ ବାଲିବନ୍ଧ ସୃଷ୍ଟି କରିଥିଲା। ବସୁଦେବ ଯମୁନା ପାର ହୋଇ ଗୋପପୁରେ ନନ୍ଦରାଜାଙ୍କ ଘରେ ପ୍ରବେଶ କଲେ। ସେହି ଦିନ ନନ୍ଦ ରାଣୀ ଓ ଯଶୋଦା ଏକ କନ୍ୟା ସନ୍ତାନ ଜନ୍ମ କରି ମାୟାରେ ନିଦ୍ରା ଯାଇଥିଲେ। ଭଗବାନଙ୍କ ନିର୍ଦ୍ଦେଶରେ ଶିଶୁ କୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ଶୁଆଇ ଦେଇ ନବଜାତ ଶିଶୁ କନ୍ୟାକୁ ନେଇ ବସୁଦେବ ମଥୁରା ପ୍ରତ୍ୟାବର୍ତ୍ତନ କରିଥିଲେ। ବସୁଦେବ କାରଗାରରେ ପ୍ରବେଶ କରିବା ମାତ୍ରେ ଲୌହ କବାଟ ଆପେ ଆପେ ବନ୍ଦ ହୋଇ ଯାଇଥିଲା। ଶିଶୁକନ୍ୟାଙ୍କୁ ଦେବକୀଙ୍କ କୋଳରେ ଶୁଆଇ ଦେବା ପରେ ଦୁହିଁଙ୍କ ଗୋଡରେ ଶିକୁଳି ଆପେ ଆପେ ବନ୍ଧନ ହୋଇ ପଡିଲା। ଶିଶୁ କନ୍ୟାଟିର କ୍ରନ୍ଦନରେ ନିଦ୍ରିତ ପ୍ରହରୀଙ୍କ ନିଦ୍ରା ଭଙ୍ଗ ହେଲା। ଦେବକୀଙ୍କ ଅଷ୍ଟମ ଗର୍ଭରେ କନ୍ୟାଜାତ ସମ୍ବାଦ କଂସ ନିକଟକୁ ପ୍ରେରଣ କରାଗଲା। ଦେବକୀଙ୍କ କନ୍ୟା ସନ୍ତାନ ହେବା ଶୁଣି କଂସ ଆଶ୍ଚର୍ଯ୍ୟ ଓ ଚକିତ ହୋଇ ପଡିଲା। କଂସ ବନ୍ଦୀଶାଳା ଆସି ଦେବକୀଙ୍କ ଅନୁନୟ ବିନୟ ସତ୍ତ୍ୱେ ତାଙ୍କ କୋଳରୁ ଶିଶୁକନ୍ୟାଟିକୁ ଛଡାଇ ନେଇ ଶୀଳାରେ କଚାଡିବା ପାଇଁ ଉଦ୍ୟତ ହେବା ସମୟରେ ଶିଶୁ କନ୍ୟା କଂସ ହାତରୁ ଖସି ଯାଇ, ଶୂନ୍ୟରେ ରହି ହସି ହସି କହିଲା- 'ରେ ମୁର୍ଖ କଂସ ମୁଁ ବିଜୁଳି କନ୍ୟା, ତୋର ଶତ୍ରୁ ଗୋପପୁରରେ ବଢୁଛି।' ଏପଟେ ଗୋପପୁରେ ମାତା ଯଶୋଦା ମାୟା ନିଦ୍ରରୁ ଉଠି ପ୍ରକୃତିସ୍ଥ ହେବା ପରେ ପୁତ୍ର ସନ୍ତାନ ଜନ୍ମ ହେବା ଜାଣି ଅତ୍ୟନ୍ତ ଆନନ୍ଦିତ ହୋଇ ପୁତ୍ରକୁ କେଳାଗ୍ରତ କଲେ। ରାଜା ନନ୍ଦ ଓ ଗୋପପୁର ବାସୀ ପୁତ୍ର ସନ୍ତାନ ଜନ୍ମ ହେବା ଖୁସିରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ଉତ୍ସବ ପାଳନ କରିବା ଆରମ୍ଭ କରିଥିଲେ। ଏହି ଦିବସକୁ ନନ୍ଦୋତ୍ସବ ଏବଂ ଏହାର ପୂର୍ବଦିନ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଉଛି। ଯୁଗ ଯୁଗ ଧରି ଆମ ଦେଶ ତଥା ରାଜ୍ୟରେ ଏହି ପର୍ବଟିକୁ ଅତ୍ୟନ୍ତ ହର୍ଷ, ଉଲ୍ଲାସ ଓ ଆଧ୍ୟାତ୍ମିକ ବିଶ୍ୱାସର ସହ ପାଳନ କରାଯାଉଛି। ଯାଦବ ସଂପ୍ରଦାୟର ଲୋକମାନେ ବିଶେଷ କରି ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରନ୍ତି। ଯାଦବ ମାନେ ଲଉଡି, ଓଗାଳ ଓ ରାମତାଳି ପରିବେଷଣ କରି ଏହି ଉତ୍ସବକୁ ଅଧିକ ଲୋକାଭିମୁଖୀ କରିଥାନ୍ତି। ଏହି ଜନ୍ମାଷ୍ଟମୀ ପର୍ବଟି ବିଭିନ୍ନ ମଠ, ମନ୍ଦିର, ଗାଁ ଦାଣ୍ଡ ଓ ଘରେ ଘରେ ଉପବାସ ବ୍ରତ ପାଳନ ସହ ଭଜନ କୀର୍ତ୍ତନ ମାଧ୍ୟମରେ ଦିବସବ୍ୟାପୀ ପାଳନ କରାଯାଇ ଥାଏ। କୃଷ୍ଣ ଜନ୍ମଭୂମୀ ମଥୁରା ଓ ତାଙ୍କର ଲୀଳାଭୂମୀ ଗୋପ ବୃନ୍ଦାବନ, କର୍ମଭୂମୀ ହସ୍ତିନା, ଦ୍ୱାରିକା ଆଦି ଉତ୍ତର ଭାରତ ସମେତ ଅନ୍ୟ ଭୂଖଣ୍ଡରେ ନବମୀ ତିଥୀ ପର୍ଯ୍ୟନ୍ତ ଏହି ଉତ୍ସବ ମହାସମାରୋହରେ ପାଳନ କରାଯାଇ ଥାଏ। ଏହି ଦୁଇଦିନ ଅଷ୍ଟମୀ ଓ ନବମୀରେ ସମଗ୍ର ଭାରତବର୍ଷ ସହ ବିଶ୍ୱର କୋଣ ଅନୁକୋଣର ହିନ୍ଦୁ ଧର୍ମାବଲମ୍ବୀ ଓ କୃଷ୍ଣପ୍ରେମୀ ମାନଙ୍କ ମଧ୍ୟରେ ଭକ୍ତି ଭାବ ପରିବେଶ ସୃଷ୍ଟି ହୋଇ ସାରା ବିଶ୍ୱ କୃଷ୍ଣମୟ ହୋଇଥାଏ। ଶ୍ରକୃଷ୍ଣ ଲୀଳାମୟ ପୁରୁଷ। ସେ ତାଙ୍କ ସାମଗ୍ରିକ ଜୀବନକାଳ ମଧ୍ୟରେ ଯେଉଁ ନୀତି ଆଦର୍ଶ ଓ ମାର୍ଗଦର୍ଶନ ଦେଇଛନ୍ତି, ତାହା ନିଜେ ମଧ୍ୟ ପାଳନ କରିଛନ୍ତି। ନିଜ ଜନ୍ମିତ ପିତାମାତାଙ୍କ ବଦଳରେ ପାଳିତ ମାତା ଯଶୋଦା ଓ ପିତା ନନ୍ଦରାଜାଙ୍କୁ ଯେଉଁ ଭକ୍ତି, ସ୍ନେହ, ମମତା ପ୍ରଦର୍ଶନ କରିଛନ୍ତି, ତାହା ସମଗ୍ର ମାନବ ସମାଜ ପାଇଁ ଅନୁକରଣୀୟ। ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଜନ୍ମ ଓ ତାଙ୍କ ଅଲୌକିକ ଗୁଣାବଳୀ ସମଗ୍ର ଭାରତବର୍ଷରେ ଜନ୍ମାଷ୍ଟମୀ ଭାବେ ପାଳିତ ହୁଏ। ଏହା ଏକ ପବିତ୍ର ପର୍ବ। ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣ୍ୟ ଜନ୍ମ ତିଥୀକୁ ମନେ ପକାଇ ଲୋକମାନେ ନିଷ୍ଠାର ଓ ପବିତ୍ରତା ସହିତ ମହା ଆନନ୍ଦରେ ଏହି ପର୍ବ ପାଳନ କରି ନିଜକୁ ଧନ୍ୟ ମନେ କରନ୍ତି। ଏହା ଏକ ଆସ୍ଥା ଓ ବିଶ୍ୱାସର ପର୍ବ।



# ସ୍ୱାଧୀନତାର ସାର୍ଥକତା - ଦିବ୍ୟାଙ୍ଗଜନଙ୍କ ପାଇଁ ଶିକ୍ଷାର ସମାନ ସୁଯୋଗ



ଆୟୁଷ୍ମାନ ଚୌଧୁରୀ
ମନୋବିଜ୍ଞାନୀ ସ୍ୱତନ୍ତ୍ର ଶିକ୍ଷକ, ଚେତନା ଅନୁଷ୍ଠାନ, ଭୁବନେଶ୍ୱର, ସମ୍ପାଦକ, ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର ଦିବ୍ୟାଙ୍ଗ (ଓଏସଇଏଫଡ଼ି), ଫିରିଙ୍ଗିଆ, କନ୍ଧମାଳ, ମୋ-୯୩୪୮୨୯୫୫୫୬

'ବସୁଧୈବ କୁଟୁମ୍ବକମ୍'ର ସନ୍ଦେଶରେ ପ୍ରେରିତ, 'ରାଷ୍ଟ୍ରୋଦ୍ଧାର'ର ପବିତ୍ର ସଙ୍କଳ୍ପର ଦୃଢ଼ ଶକ୍ତି, ଏକତା ଓ ସଂସ୍କୃତିର ସୁଗନ୍ଧରେ ଭରିଥିବା ଏହି ଭାରତମାତା ଭୂମିରେ, ବିର ସହିଦମାନଙ୍କର ତ୍ୟାଗ ଓ ବଳିଦାନର ଗାଥାକୁ ସ୍ମରଣ କରି, ଆମେ ୭୯ତମ ସ୍ୱାଧୀନତା ଦିବସର ପବିତ୍ର ପ୍ରଭାତକୁ ଅଭିବାଦନ କରିବାକୁ ଯାଉଥିବା ଏହି ସୁମୁହୂର୍ତ୍ତରେ, ସ୍ୱାଧୀନତାର ସତ୍ୟ ସ୍ୱରୂପକୁ ନୂତନ ଆଲୋକରେ ବୁଝିବା ଓ ତର୍ଜମା କରିବାର ଆବଶ୍ୟକତା ଅଛି, କାରଣ ଏହି ସ୍ୱାଧୀନତା କେବଳ ରାଜନୈତିକ ମୁକ୍ତି କିମ୍ବା ଦାସତ୍ୱର ଶୃଙ୍ଖଳ ଭାଙ୍ଗିବାରେ ସୀମିତ ନୁହେଁ ବରଂ ସମାଜର ପ୍ରତ୍ୟେକ ନାଗରିକଙ୍କ ଜୀବନରେ ସମାନ ଅଧିକାର, ସୁଯୋଗ ଓ ସମ୍ମାନର ଆଲୋକକୁ ପ୍ରଜ୍ୱଳିତ କରିବାରେ ଏହାର ସାର୍ଥକତା ଆବଶ୍ୟକ କରୁଅଛି ; ସତ୍ୟ ସ୍ୱାଧୀନତା ସେଇଟା, ଯେତେବେଳେ ସମସ୍ତ ନାଗରିକ ନିଜର ଜାତି, ଧର୍ମ, ବର୍ଣ୍ଣ, ଅକ୍ଷମତା ନିର୍ବିଶେଷରେ, ସମସ୍ତ ସୁଯୋଗକୁ ସମାନ ଭାବରେ ଉପଭୋଗ କରିପାରିବେ ଓ ସେହିପରି ଦିବ୍ୟାଙ୍ଗଜନଙ୍କ ପାଇଁ ମଧ୍ୟ ସମାନ ଓ ଗୁଣାତ୍ମକ ଶିକ୍ଷାର ସୁବିଧା ଦେବା ହିଁ ସତ୍ୟ ସ୍ୱାଧୀନତାର ଗୁରୁତ୍ୱପୂର୍ଣ୍ଣ ଅଂଶ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ବ୍ୟକ୍ତି ବିଶେଷମାନେ ମଧ୍ୟ ଏହି ଦେଶର ସମାନ ନାଗରିକ, ଯାହାଙ୍କ ପାଇଁ ଶିକ୍ଷା କେବଳ ଅଧିକାର ନୁହେଁ ବରଂ ସ୍ୱାଭିମାନ ଓ ସଶକ୍ତିକରଣର ପଥ। ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ନିଜ ଘର ପାଖରେ ମିଳିବା ଉଚିତ, ଯାହା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷିତ ଶିକ୍ଷକ, ଉତ୍ତମ ଦିବ୍ୟାଙ୍ଗ ସୁବିଧାଜନକ ଶୈକ୍ଷିକ ପରିବେଶ, ବିଶେଷ ଆବଶ୍ୟକତା-ଉପଯୋଗୀ ପାଠ୍ୟ ଉପକରଣ ଓ ଦିବ୍ୟାଙ୍ଗ-ମିତ୍ର ପ୍ରାଙ୍ଗଣ ଅତ୍ୟାବଶ୍ୟକ। ଏହିପରି ପରିବେଶ ତାଙ୍କୁ ସ୍ୱାଧୀନ ଭାବେ ଶିଖିବା, ସମାଜରେ ସ୍ଥାନ ଗଢ଼ିବା ଓ ଜୀବନରେ ସଫଳତା ଲାଭ କରିବାର ସୁଯୋଗ ଦେବ। ଏହାହିଁ ହେଉଛି ସତ୍ୟ ସ୍ୱାଧୀନତାର ଅର୍ଥ; ସମାନ ଅଧିକାର, ସମାନ ସୁଯୋଗ ଓ ସମାନ ସମ୍ମାନ। ଦିବ୍ୟାଙ୍ଗଜନଙ୍କ ଅଧିକାର ଆଇନ ୨୦୧୬ ସ୍ପଷ୍ଟ କରେ ଯେ, ଦିବ୍ୟାଙ୍ଗ ଶିଶୁମାନେ ସମାନ ଅଧିକାର ସହିତ ସାଧାରଣ ଶିକ୍ଷା ପ୍ରଣାଳୀରେ ଅଂଶଗ୍ରହଣ କରିବାର ଅଧିକାର ପ୍ରାପ୍ତ । ଏହି ଆଇନ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ସୁବିଧା, ସାହାଯ୍ୟ, ସମର୍ଥନ ଓ ସୁରକ୍ଷା ଦେବାକୁ ବାଧ୍ୟକାରକ କରେ। ସେଥିସହ, ଶିକ୍ଷାର ଅଧିକାର ଆଇନ ୨୦୦୯, ୬ରୁ ୧୪ ବର୍ଷର ସମସ୍ତ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷାର ସୁବିଧା ଦେବାକୁ ସୁନିଶ୍ଚିତ କରେ, ଯେଉଁଥିରେ ଦିବ୍ୟାଙ୍ଗ ଶିଶୁମାନେ ବି କୌଣସି ପ୍ରକାରର ବିଭେଦରୁ ମୁକ୍ତ ହେବା ଉଚିତ। ଏଥିସହିତ ଅନ୍ତର୍ନିବେଶୀ ହେଉଛି ସେଇ ସ୍ୱାଧୀନ ସମାନତା ପ୍ରେମମୟ ପ୍ରଣାଳୀ, ଯେଉଁଠାରେ ସାଧାରଣ ଓ ଦିବ୍ୟାଙ୍ଗ ଶିଶୁମାନେ ଗୋଟିଏ ଛାତ୍ରାଳୟର ଛାୟା ତଳେ ବସି, ସମାନ ଶିକ୍ଷକଙ୍କ ନିର୍ଦ୍ଦେଶନାରେ, କୌଣସି ପ୍ରକାରର ବିଭେଦ ବିନା, ପ୍ରେମ ଓ ସମ୍ମାନର ପରିବେଶରେ ଶିକ୍ଷା ପାଇବେ; ସେମାନେ ଏକାସାଥିରେ ଗୋଟିଏ ଖେଳ ପଡିଆରେ ମିଳିମିଶି ହସି-ଖେଳି, ଏକାସାଥିରେ ଭୋଜନ କରି, ଏକାସାଥିରେ ଗୀତ ଗାଇ, ନୃତ୍ୟ କରି, ନିଜର ସ୍ୱପ୍ନକୁ ନିଜେଇ ଗଢିବେ, ଯେଉଁଠାରେ କୌଣସି ଭିନ୍ନତାକୁ ଅସମାନତାରେ ପରିଣତି କରାଯିବ ନାହିଁ; ଏହା କେବଳ ପାଠଶାଳାର ସୀମା ଭିତରେ ନୁହେଁ, ସମଗ୍ର ସମାଜରେ ସମାନତା, ସହାନୁଭୂତି ଓ ଭାଇଚାରାର ଜୀବନ୍ତ ଉଦାହରଣ, ଯାହା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ "ସବକା ସାଥ, ସବକା ବିକାସ"ର ସତ୍ୟ ସାରକଥାକୁ ପ୍ରତିଧ୍ୱନିତ କରେ। କିନ୍ତୁ ଏହି ବିଧି ବିଧାନ ବ୍ୟବସ୍ଥା କେବଳ କାଗଜରେ ଲେଖା କିମ୍ବା ଭାଷଣରେ କୁହାଯିବ ଲକ୍ଷ୍ୟରେ ସୀମିତ ରହିଗଲେ ପର୍ଯ୍ୟାପ୍ତ ହେବନି, ଏହାକୁ ପ୍ରାୟୋଗିକ ଭାବେ କାମ କରାଇବା ପାଇଁ ବିଶେଷ ପ୍ରଶିକ୍ଷିତ, ସମର୍ପିତ ଓ ସହାନୁଭୂତିଶୀଳ ବ୍ୟକ୍ତିମାନଙ୍କ ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ସାଧାରଣ ଶିକ୍ଷକଙ୍କ ପାଇଁ, ଏକାସାଥିରେ ଦିବ୍ୟାଙ୍ଗ ଓ ସାଧାରଣ ଶିଶୁମାନଙ୍କୁ ପଢାଇବା ବା ଧ୍ୟାନଦେବା, ସେମାନଙ୍କର ବିଭିନ୍ନ ଶିକ୍ଷାଗତ ଆବଶ୍ୟକତା ପୂରଣ କରିବା ଓ ସମାନ ସମୟରେ ସମାନ ସୁବିଧା ଦେବା ସହଜ କାମ ନୁହେଁ । ଏହିଠାରେ ସ୍ୱତନ୍ତ୍ର ଶିକ୍ଷକ (ସ୍ପେସିଆଲ ଏଡୁକେଟର)ଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ସେମାନେ ଦିବ୍ୟାଙ୍ଗ ମାନଙ୍କ ପାଇଁ କେବଳ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଛନ୍ତି ନୁହେଁ ବରଂ ମନୋବିଜ୍ଞାନ, ଅନ୍ତର୍ନିବେଶୀ ଶିକ୍ଷା ପ୍ରଣାଳୀ, ବିଶେଷ ପାଠ୍ୟସାମଗ୍ରୀର ବ୍ୟବହାର ଓ ସହାନୁଭୂତିଶୀଳ ପ୍ରବୃତ୍ତିରେ ପାରଙ୍ଗମ। ସ୍ୱତନ୍ତ୍ର ଶିକ୍ଷକ ମାନଙ୍କ ଦ୍ୱାରା ହିଁ ଅକ୍ଷମତା, ଅବହେଳିତ ଥିବା ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ ମାନେ, ସମାନତା, ଭାଇଚାରା ଓ ସଶକ୍ତିକରଣର ଆଧାରରେ ଏକ ସତ୍ୟ ଶିକ୍ଷା ପରିବେଶରେ ସାମିଲ ହୋଇପାରିବେ ଓ ଦିବ୍ୟାଙ୍ଗ ଶିଶୁମାନଙ୍କର ଶିକ୍ଷାଗତ ସଶକ୍ତିକରଣ ବିନା, ସେମାନଙ୍କର ଆର୍ଥିକ, ସାମାଜିକ ଓ ବ୍ୟକ୍ତିଗତ ସ୍ୱାଧୀନତା ସମ୍ଭବ ନୁହେଁ। ଛାତ୍ରବୃତ୍ତି ଓ ଭତ୍ତା କେବଳ ସାମୟିକ ସହାୟତା ଦେଇପାରେ, କିନ୍ତୁ ଏଗୁଡ଼ିକ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣର ସ୍ଥାୟୀ ମାଧ୍ୟମ ନୁହେଁ। ସତ୍ୟ ସଶକ୍ତିକରଣର ମୂଳ ଉତ୍ସ ହେଉଛି ଶିକ୍ଷା। ଯଦି ଏକ ଦିବ୍ୟାଙ୍ଗଜନ ପାଠ ପଢି ସୁଶିକ୍ଷିତ ହୋଇଥାଏ, ସେ ନିଜ ପାଦରେ ଦଣ୍ଡାୟମାନ ହୋଇ ସମାଜରେ ସ୍ୱୟଂସମ୍ମାନ ସହିତ ବଞ୍ଚିପାରିବ, କାହାରି ସହାୟତାର ପ୍ରତିନିର୍ଭରଶୀଳ ହେବାକୁ ପଡିବ ନାହିଁ। ଆଜିର ଦିନରେ ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ କ୍ଷେତ୍ରରେ ଅସାଧାରଣ ସଫଳତା ଅର୍ଜନ କରି, ସମାଜ ପାଇଁ ପ୍ରେରଣାଦାୟକ ଉଦାହରଣ ହୋଇଉଠିଛନ୍ତି। ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ନିମନ୍ତେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା ଦେବା ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ୨୦୨୧ ମସିହା ଅକ୍ଟୋବର ୨୮ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ସେହି ରାୟର ଶୁଣାଣି କରି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ୧୦ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀରେ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ଏବଂ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀରେ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ, ତତସହିତ ଯଦି ଗୋଟିଏ ବିଦ୍ୟାଳୟରେ ଜଣେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ରହିଛି,ସେଠି ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବା ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଗଲେ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ସଂଖ୍ୟା ବଢ଼ିବା ସହିତ ସେମାନେ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି ନିଷ୍ପାଦନ ପାଇଁ ଓଡ଼ିଶା ସ୍ପେଶାଲ୍ ଏଡ୍ୟୁକେଟର୍ ଫେଡେରେସନ୍ ଫର୍ ଦିବ୍ୟାଙ୍ଗ ଓଡ଼ିଶାରେ ବହୁ ବର୍ଷ ଧରି ନିରନ୍ତର ଲଢ଼େଇ କରିଆସୁଛି । ଦେଶର ପ୍ରକୃତ ସ୍ୱାଧୀନତା ସେଇଦିନ ନିଜର ସଫଳତାର ସର୍ବୋଚ୍ଚ ସୀମାକୁ ପହଞ୍ଚିବ, ଯେତେବେଳେ ପ୍ରତ୍ୟେକ ଦିବ୍ୟାଙ୍ଗ ଶିଶୁ ଗୁଣାତ୍ମକ ଶିକ୍ଷା ପାଇପାରିବ, ସ୍ୱାଭିମାନ ସହିତ ସମାଜରେ ରହିବ ଏବଂ ନିଜର ଜୀବନକୁ ସ୍ୱୟଂନିର୍ଭର ଭାବେ ଗଢି ତୋଳିବ । ଏହି ୭୯ତମ ସ୍ୱାଧୀନତା ଦିବସରେ, ଆମେ ପ୍ରତିଶୃତି ଗ୍ରହଣ କରିବା, ''ଦିବ୍ୟାଙ୍ଗଜନଙ୍କ ପାଇଁ ସମାନ ଓ ଗୁଣାତ୍ମକ ଶିକ୍ଷା, ସୁବିଧା ଓ ସମ୍ମାନ ସୁନିଶ୍ଚିତ କରିବାରେ କୌଣସି ପ୍ରକାରର ଅନିଚ୍ଛା ପ୍ରକାଶ କରିବା ନାହିଁ" ତେବେ ଯାଇ ଜଣେ ଦିବ୍ୟାଙ୍ଗ ମଧ୍ୟ ସ୍ୱାଧୀନତାର ପ୍ରକୃତ ଉପଲବ୍ଧି ପାଇପାରିବ ।

# ଘରେ ଘରେ ତ୍ରିରଙ୍ଗା



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଭାରତ ଇତିହାସରେ ଏହା ଏକ ଗୌରବମୟ ଦିବସ । ଏହି ଦିବସକୁ ସାରା ଦେଶ ବିଜୟ ସଂକଳ୍ପ ଦିବସ ରୂପେ ପାଳନ କରୁଛି । ଆଜାଦୀକା ଅମୃତ ମହୋତ୍ସବ ଅଧିନରେ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ ଦେଶ ବ୍ୟାପି ଅନୁଷ୍ଠିତ ହେଉଛି । ଭାରତ ସ୍ୱାଧୀନତାର ୭୮ ବର୍ଷ ପୂର୍ତ୍ତି ଅବସରରେ ଓ ଏହାର ଗୌରବମୟ ଇତିହାସ, ସଂସ୍କୃତିକୁ ସ୍ମରଣୀୟ କରିବା ପାଇଁ ଦେଶ ପାଳନ କରୁଛି 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ । ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗର୍ବ ଏବଂ ଗୌରବର ବିଷୟ। ଏହି ଅଭିଯାନ ଅଗଷ୍ଟ ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶ ବ୍ୟାପି ଅନୁଷ୍ଠିତ ହେବ । ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡାଇ ଭାରତର ସ୍ୱାଧୀନତା ଉତ୍ସବ ପାଳିବାକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଗାଁ ଠାରୁ ସହର ସବୁଆଡେ ଉତ୍ସବର ମାହୋଲ । ବଡ଼ବଡ଼ କୋଠା ଠାରୁ ଆରମ୍ଭ କରି ଦୁର୍ଗମ ଅଞ୍ଚଳରେ ଥିବା ଝାଟିମାଟି ଘର ଆଗରେ ତ୍ରିରଙ୍ଗା ଫରଫର ହୋଇ ଉଡୁଛି । ବର୍ତ୍ତମାନ ଦେଶବାସୀଙ୍କ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରାଇବାକୁ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ ଆରମ୍ଭ ହୋଇଛି । ଆମର ଜାତୀୟ ପତାକା ଆମ ଏକତା, ସଂହତି ଓ ଭାତୃଭାବର ପ୍ରତୀକ ଅଟେ । ଏହି ଅବସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଦେଶପ୍ରତି ନିଜର ଭାବନାକୁ ଜାଗୃତ ଓ ଜୀବନ୍ତ କରିବାକୁ ଅନୁରୋଧ କରିଛନ୍ତି ।

ଜାତି, ଧର୍ମ, ବର୍ଣ୍ଣର ବିବିଧତା ସତ୍ତ୍ୱେ ଏହି ବେଦଭୂମି, ବୀରଭୂମି ଭାରତ ମାଟିର ବକ୍ଷରେ ବହିଯାଉଛି ଏକତା ଓ ଭାତୃଭାବର ଗଙ୍ଗା। ସ୍ୱାଧୀନତାର ଅମୃତ ମହୋତ୍ସବ ପ୍ରତ୍ୟେକ ଭାରତୀୟଙ୍କ ଏକ ଉତ୍ସବ । ସ୍ୱାଧୀନତା ରୂପକ ଅମୃତକୁ ପ୍ରତ୍ୟେକ ଭାରତୀୟ ପାନକରି ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛନ୍ତି । ସାମାଜିକ, ସାଂସ୍କୃତିକ, ରାଜନୈତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଆତ୍ମନିର୍ଭରଶୀଳତା ଆଡକୁ ଗତି କରୁଛି। "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମ ମାଧ୍ୟମରେ ପଲ୍ଲୀରୁ ଦିଲ୍ଲୀ, କାଶ୍ମୀର ଠାରୁ କନ୍ୟାକୁମାରୀ ସବୁଠି ଉଡୁଛି ଜାତୀୟ ଗୌରବର ପ୍ରତୀକ ତ୍ରିରଙ୍ଗା । ବିକାଶଶୀଳ ଭାରତର ସ୍ୱର୍ଣ୍ଣିମ ଇତିହାସ ଗାଉଛି ଆମରାଷ୍ଟ୍ର । ଅତୀତର ସ୍ମୃତିକୁ ରୋମନ୍ଥନ କରି ଆଗକୁ ବଢିବାର ପ୍ରେରଣା ଦେଉଛି ତ୍ରିରଙ୍ଗା । ଭାରତର ତ୍ରିରଙ୍ଗା କେବଳ ତିନିଟି ରଙ୍ଗର ସମାହାର ନୁହେଁ ବରଂ ଆମ ଅତୀତର ଗୌରବ, ବର୍ତ୍ତମାନର ପ୍ରତିବଦ୍ଧତା ଓ ଭବିଷ୍ୟତର ସ୍ୱପ୍ନର ପ୍ରତିବିମ୍ବ। ଆମ ତ୍ରିରଙ୍ଗା ଭାରତର ଏକତା, ଭାରତର ଅଖଣ୍ଡତା ଓ ଭାରତର ବିବିଧତାର ମଧ୍ୟ ପ୍ରତୀକ । ଆମ ସଂଗ୍ରାମୀମାନେ ତ୍ରିରଙ୍ଗାରେ ଦେଶର ଭବିଷ୍ୟତ ଦେଖିଥିଲେ, ଦେଶର ସ୍ୱପ୍ନ ଦେଖିଥିଲେ ଓ ଏହାକୁ କେବେ ନଇଁବାକୁ ଦେଇନଥିଲେ ।

ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ଯେତେବେଳେ ନୂଆ ଭାରତର ଯାତ୍ରା ଆରମ୍ଭ କରୁଛେ ସେତେବେଳେ ତ୍ରିରଙ୍ଗା ପୁଣି ଥରେ ଭାରତର ଏକତା ଓ ଚେତନାକୁ ପ୍ରତିନିଧିତ୍ୱ କରୁଛି । ଗୌରବର ପ୍ରତୀକ ତ୍ରିରଙ୍ଗା ଆଜି ମଣିଷକୁ ସଚେତନ କରୁଛି ଯେ ଏ ହେଉଛି ସେଇ ଭାରତବର୍ଷ ଯାହାର ତ୍ୟାଗ, ଆତ୍ମବଳିଦାନ, ସଂଗ୍ରାମ ଓ ବୀରତ୍ୱ ହେଉଛି ତା'ର ଇତିହାସ । ଏ ଦେଶର ମହାନ ବୀର ପୁରୁଷ ଯେଉଁମାନଙ୍କର ତ୍ୟାଗ, ବଳିଦାନ ଦେଶକୁ ଆଣି ଦେଇଥିଲା ସ୍ୱାଧୀନତା । ଦେଶ ସ୍ୱାଧୀନ ହେଲା, ଫିରିଙ୍ଗି ଶାସନ ହଟିଲା। ମୁକ୍ତି ଯୁଦ୍ଧରେ ଅନେକ ଶହୀଦ ହେଲେ। ସଂଗ୍ରାମୀଙ୍କ ଲହୁ ଲୁହରେ ଲେଖାହେଲା ସ୍ୱାଧୀନତାର ଇତିହାସ । ମାଟି ପାଇଁ ନିଜର ସାମର୍ଥ୍ୟ, ଜୀବନ, ବଳିଦାନ ଦେଇ ଆଜି ସେହି ମହାନ ସଂଗ୍ରାମୀ ମାନେ ଚିରସ୍ମରଣୀୟ । ଏ ଦେଶର ମହାନ ବୀରପୁରୁଷ ଓ ମହିୟସୀ ମହିଳା ମାନଙ୍କୁ ଏହି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ବିଶେଷ କରି ମହାତ୍ମା ଗାନ୍ଧି, ପଣ୍ଡିତ ଜବାହାରଲାଲ ନେହେରୁ, ମୌଲାନା ଆଜାଦ, ସୁଭାଷ ଚନ୍ଦ୍ର ବୋଷ, ଲକ୍ଷ୍ମଣ ନାୟକ, ଭଗତ ସି, ଜୟୀ ରାଜଗୁରୁ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, କମଳାଦେବୀ, ରାଣୀ ଲକ୍ଷ୍ମୀବାଈ ଏବଂ ରମାଦେବୀ ଚୌଧୁରୀ ପ୍ରଭୃତିଙ୍କ ବୀରତ୍ୱ କାହାଣୀ ଏ ମାଟିକୁ ମହନୀୟ କରିଛି । ଏ ମାଟି, ଏ ଜାତିର ତ୍ୟାଗ, ବୀରତ୍ୱ ଓ ସ୍ୱଦେଶ ପ୍ରୀତି ବିଶ୍ୱ ଇତିହାସକୁ ସମୃଦ୍ଧ କରିଛି । ସ୍ୱାଧୀନତା ସେନାନୀଙ୍କ ପ୍ରେରଣା ଓ ଦେଶ ବିକାଶରେ ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେ ପକାଇ ଆତ୍ମନିର୍ଭର ଭାରତ ପାଇଁ ସଂକଳ୍ପ ନେବା ଏହି ମହୋତ୍ସବର ଲକ୍ଷ୍ୟ ।

ଓଡ଼ିଶା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାର୍ଗ ଦର୍ଶିକାନୁଯାୟୀ "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମ ପ୍ରତି ଜିଲ୍ଲା, ବ୍ଲକ ସମେତ ପଞ୍ଚାୟତ ସ୍ତରରେ ମଧ୍ୟ ଅନୁଷ୍ଠିତ ହେବ। ଗ୍ରାମ ପଞ୍ଚାୟତ ସ୍ତର କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ଜିଲ୍ଲା ଜଳ ଓ ପରିମଳ କମିଟିଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଚଳିତ ବର୍ଷ "ଘରେ ଘରେ ତ୍ରିରଙ୍ଗା" ବ୍ୟାନରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଉଛି । ଏହି ପରିପ୍ରେକ୍ଷୀରେ ତ୍ରିରଙ୍ଗା ଶପଥ ଓଡିଆ ଭାଷାରେ ନିଆଯିବ। ସ୍ଥାନୀୟ ନେତୃବୃନ୍ଦ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ଜାତୀୟ ପତାକା ସହ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ। ରାଜ୍ୟ ସ୍ତରରେ, ସହରାଞ୍ଚଳରେ, ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ସଙ୍ଗୀତ ସମାରୋହ ଅନୁଷ୍ଠିତ ହେବ। ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ପରିବାରଙ୍କୁ ଏଥିରେ ସାମିଲ କରାଯିବ। ରାଜ୍ୟ ସ୍ତରରେ ଏବଂ ଜିଲ୍ଲା ସ୍ତରୀୟ ଉତ୍ସବର ତ୍ରିରଙ୍ଗା କାନଭାସ ରଖାଯିବ, ଯେଉଁଥିରେ ଜନସାଧାରଣ "ଘରେ ଘରେ ତ୍ରିରଙ୍ଗା" ଏବଂ "ଜୟହିନ୍ଦ୍"ଲେଖି ଅଭିଯାନରେ ସାମିଲ ହେବେ। ପ୍ରତ୍ୟେକଟି ଓଡ଼ିଆ ଏହି "ଘରେ ଘରେ ତ୍ରିରଙ୍ଗା" କାର୍ଯ୍ୟକ୍ରମରେ ସାମିଲ ହୋଇ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପରିଚୟ ଦେବେ। ସ୍ୱାଧୀନତା ଆନ୍ଦୋଳନରେ ଭାଗନେଇଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ଅଭିଯାନରେ ସାମିଲ କରିବା ସହିତ ସମ୍ବର୍ଦ୍ଧିତ କରିବା ଏବଂ ଦେଶପ୍ରତି ସେମାନଙ୍କର ତ୍ୟାଗ ବଳିଦାନକୁ ସ୍ମରଣୀୟ କରିବାପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରତିଟି ଓଡ଼ିଆ ପ୍ରାଣରେ ଦେଶପ୍ରୀତିର ଭାବନା ଉଦ୍ରେକ ତଥା ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରାଇବା ଏହି ଅଭିଯାନର ମୂଳଲକ୍ଷ୍ୟ ଅଟେ। 'ଘରେ ଘରେ ତ୍ରିରଙ୍ଗା" ବାର୍ତ୍ତା ଯେପରି ଘରେଘରେ ପହଞ୍ଚିବ, ସେଥିପାଇଁ ସମସ୍ତେ କାର୍ଯ୍ୟକ୍ରମରେ ସାମିଲ ହେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ତ୍ୱ ଉପଲବ୍ଧି କରାଇବା ଏହି "ଘରେ ଘରେ ତ୍ରିରଙ୍ଗା" ଅଭିଯାନର ଉଦ୍ଦେଶ୍ୟ ଅଟେ। ଏହାଦ୍ୱାରା ଜାତୀୟ ପତାକା ପ୍ରତି ଆମର ପ୍ରେମ ଓ ସମ୍ମାନ ବଢ଼ିବା ସହିତ ଦେଶପ୍ରେମକୁ ଦେଶବାସୀ ଭଲ ଭାବରେ ଉପଲବ୍ଧି କରିପାରିବେ। ଦେଶର ଜାତୀୟତାର ପ୍ରତୀକ ହେଉଛି ତ୍ରିରଙ୍ଗା । ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ ମନପ୍ରାଣରେ ଭରିଥାଏ ଦେଶପ୍ରେମ । ମନକୁ ଦେଇଥାଏ ଆତ୍ମସନ୍ତୋଷ । ଭାରତର ସାମୁହିକ ବିକାଶ ପାଇଁ ପ୍ରୟାସ ତଥା ଭାରତକୁ ବିଶ୍ୱଗୁରୁରେ ପରିଣତ କରିବାପାଇଁ ଆମ ସମସ୍ତଙ୍କୁ ଏହି ପତାକା ତଳେ ଏକତ୍ରିତ ହୋଇ ଶପଥ ନେବାକୁ ପଡିବ । ଭାରତର ସ୍ୱର୍ଣ୍ଣିମ ଇତିହାସକୁ ଆଜିର ଯୁବପିଢି ହୃଦୟଙ୍ଗମ କରିବା ସହିତ ଦେଶକୁ କିପରି ପ୍ରଗତି ପଥରେ ଆଗେଇ ନେଇପାରିବେ ତାହାହିଁ "ଘରେ ଘରେ ତ୍ରିରଙ୍ଗା" ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତୀୟ ବୋଲି ମନେକରି ଦେଶକୁ ପ୍ରଗତି ପଥରେ ଆଗେଇନେବା ପାଇଁ ଆଜିର ଏହି ପବିତ୍ର ଦିବସରେ ଜାତୀୟ ପତାକା ତଳେ ସଂକଳ୍ପ ନେବା ଯାହାଦ୍ୱାରାକି ଗାନ୍ଧିଜୀଙ୍କ ରାମରାଜ୍ୟ ଗଢିତୋଳିବାର ସ୍ୱପ୍ନ ବାସ୍ତବରେ ପରିଣତ ହୋଇପାରିବ। ସ୍ୱାଧୀନତାର ଅନନ୍ୟ ପ୍ରତୀକ ଜାତୀୟ ପତାକାକୁ ସମ୍ମାନ ଜଣାଇବା । ଜାତୀୟ ଏକତା ଓ ଅଖଣ୍ଡତାର ପବିତ୍ର ଭାବନାରେ ଉଦବୁଦ୍ଧ ହୋଇ ଘରେଘରେ ତ୍ରିରଙ୍ଗା ପତାକା ଉଡେଇବା ଏବଂ ଦେଶଭକ୍ତିର ଭାବନାକୁ ଜାଗ୍ରତ କରାଇବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୪୬

## ଦ୍ରୌପଦୀଙ୍କ ବିଷାଦ-୪



ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ଉଦ୍ଦେଶ୍ୟରେ ଚାଲିଯିବା ପରେ, ସେହି ସଭାସ୍ଥଳରେ ସରଗରମ ଆଲୋଚନା ହେଲା । ଯେବେ କିଛି ସମୟ ପୂର୍ବରୁ ଘଟିଯାଇଥିବା ଦୈବୀ ଘଟନା ମନରେ ଥାଆନ୍ତା, ଦୁର୍ଯ୍ୟୋଧନ ଆଦି ପ୍ରତିକ୍ରିୟାଶୀଳ ହୋଇନଥାନ୍ତେ । ନା, ଦୁଃଶାସନ ଓ ଶକୁନି ଦ୍ୱାରା ଉତ୍ସାହିତ ହୋଇ ଦୁର୍ଯ୍ୟୋଧନ ଗାଳି କଲେ ଧୃତରାଷ୍ଟ୍ରଙ୍କୁ ।

ଆମେ ସମସ୍ତ ଲାଭ କରିଥିଲୁ । ତୁମେ ଫେରସ୍ତ ଦେଲ ! ମୃତ ଶତ୍ରୁମାନଙ୍କୁ ତୁମେ ଜୀବନ ଦେଲ ! ଆଉ କ'ଣ ସେପରି ସୁଯୋଗ ମିଳିବ ! ତୁମରି ପାଇଁ ଆମର ସର୍ବନାଶ ଘଟିଲା !

ହଉ, ସମସ୍ତ ତ ଫେରିପାଇଲେ ! ଏଥର ପୁଣି ଯୁଧିଷ୍ଠିରଙ୍କୁ ଡକେଇ ପଠାଅ । ଆମେ ଭଲରେ ଆଉ ଗୋଟେ ବାଜି ପଶା ଖେଳିବୁ ! ଧୃତରାଷ୍ଟ୍ର ମନା କରିପାରିଲେନାହିଁ । ଜଣେ ଦୂତକୁ ପଠାଗଲା । ଯୁଧିଷ୍ଠିରଙ୍କୁ ଫେରେଇ ଆଣିବା ପାଇଁ ।

ବିଚାର କ୍ଷମତା ହରେଇଥିବା ଯୁଧିଷ୍ଠିର ନିଜକୁ ନିଜେ କହିଲେ- ରାଜାଦେଶ ! ଆମକୁ ଫେରିବାକୁ ପଡ଼ିବ । ଏବଂ ମଝିବାଟରୁ ଫେରିଲେ ।

ସୁନାର ହରିଣ କ'ଣ ସମ୍ଭବ ! ତଥାପି ରାମଚନ୍ଦ୍ର ହରିଣ ପଛେ ପଛେ ଧାଇଁଥିଲେ । ଏହା ସେହିପରି ଘଟନା । ଯୁଧିଷ୍ଠିର ବଳିପଶୁପରି ଟାଣି ହୋଇଯାଉଥିଲେ କେବଳ ।

ପୁନରାୟ ପଶାଖେଳ ହେଲା । ଏଥର ବାଜି ରହିଲା- ପରାଜିତ ପକ୍ଷ ବାରବର୍ଷ ବନବାସ କରିବ । ଏବଂ ଆଉ ଗୋଟିଏ ବର୍ଷ ଅଜ୍ଞାତ ବାସ କରିବ । ଅଜ୍ଞାତବାସ କାଳରେ ଯେବେ ଜଣାପଡ଼ନ୍ତି, ସେଇଠୁ ପୁଣି ବାରବର୍ଷ ବନବାସ ଆରମ୍ଭ ହେବ ।

ଯୁଧିଷ୍ଠିର ହାରିଲେ । ଏବଂ ଭାଇମାନଙ୍କ ସହ ବନବାସରେ ଗଲେ ।

ଆସ ମନେରଖିବା :

୧) ରାଜସୂୟଯଜ୍ଞ ବେଳର କଥା । ଶିଶୁପାଳର ମସ୍ତକ ଛେଦନ ପାଇଁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ର ପ୍ରେରଣ କରିଥିଲେ । ସେହି ସମୟରେ କୃଷ୍ଣଙ୍କ ଡାହାଣ ହାତର ବିଶିଆଙ୍ଗୁଳି ଚକ୍ରର ଘୂର୍ଣ୍ଣନ ଫଳରେ କଟିଗଲା ଓ ରକ୍ତ ଧାରଧାର ବହିଲା । ସେଠି ଉପସ୍ଥିତ ଥିଲେ ଦ୍ରୌପଦୀ । ସେ ସହସା ନିଜର ପିନ୍ଧାବାସର କାନି ଚିରି ସେହି କନାରେ ତାଙ୍କ ଆଙ୍ଗୁଳିକୁ ବାନ୍ଧିଦେଇଥିଲେ । କୃଷ୍ଣ ଖୁସିହୋଇ କହିଥିଲେ, ସେହି କନାର ଋଣ ସେ ଶୁଝିଦେବେ ।

୨) ପଶାଖେଳ ସମୟରେ ଦ୍ରୌପଦୀ ଖଣ୍ଡିଏ ମାତ୍ର ବସ୍ତ୍ର ପିନ୍ଧିଥିଲେ । ଦୁଃଶାସନ ଯେତେବେଳେ ତାଙ୍କର ବସ୍ତ୍ର ଟାଣି ଉଲଗ୍ନ କରିବାକୁ ଚେଷ୍ଟା କଲା, ଦ୍ରୌପଦୀ ଅସହାୟଭାବରେ ଦୁଇହାତ ଉପରକୁ ଟେକି ଆଖିବୁଜି କହିଥିଲେ- ହେ ହରି, ମୋତେ ରକ୍ଷାକର ! ପରିଣତିହେଲା, ତାଙ୍କର ବସ୍ତ୍ରଟିକୁ ଯେତେ ଟାଣିଲେ ମଧ ଶେଷହେଲା ନାହିଁ । ଦୁଃଶାସନ କ୍ଳାନ୍ତ ହୋଇ ତଳେ ପଡ଼ିଗଲା । ଉପସ୍ଥିତ ଲୋକ ତାହାକୁ ଏକ ଦୈବୀ ଘଟଣା ବୋଲି ଧରିନେଲେ ।

୩) ଏହି ଘଟଣା ବେଳେ କୃଷ୍ଣ ରାଜସଭାରେ ନଥିଲେ କି ଦ୍ୱାରକାରେ ମଧ ନଥିଲେ । ଶ୍ରୀକୃଷ୍ଣ ସ୍ୱୟଂ ନାରାୟଣ । ସେ ଅନ୍ତର୍ଯାମୀ । ସେ ଦ୍ରୌପଦୀଙ୍କ ଡାକ ଶୁଣିଲେ ଓ ସହାୟତା କଲେ । ଏହାକୁ ଏକ ଦୈବୀ ଘଟଣା ବୋଲି ଜାଣୁଥିଲେ ମଧ ତାହା କୃଷ୍ଣଙ୍କର କାମ ବୋଲି କେହି ଜାଣିନଥିଲେ । ଜଣାଯାଏ, ଦ୍ରୌପଦୀ ମଧ ଜାଣିନଥିଲେ ।

୪) ଦ୍ରୌପଦୀ ସଚ୍ଚୀ ଦେବୀଙ୍କ ମାନବୀ ରୂପ ବୋଲି ମହାଭାରତରେ ଉଲ୍ଲେଖ ଅଛି । ଆଦିପର୍ବରେ ଯୁଧିଷ୍ଠିର ସ୍ୱର୍ଗକୁ ଗଲାପରେ ଦେଖିଥିଲେ ଦ୍ରୌପଦୀ ଠାକୁରାଣୀ ପରି ସିଂହାସନରେ ବସିଛନ୍ତି । (କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ସଂସାରକୁ ଦେଲେ ବାରତା

ଜଗଦୀଶ ସାହୁ



କେଜେ କହୁଥିଲେ ନାତିରେ
ଭାଦ୍ରବ ଅଷ୍ଟମୀ ତିଥିରେ
କଂସ ବନ୍ଦୀଶାଳେ ଦେବକୀ ମା' କୋଳେ
କୃଷ୍ଣ ଜନ୍ମ ହେଲେ ରାତିରେ ।

ଗୋପପୁରେ ଯାଇ ରହିଲେ
ଗୋପବାଳୀ ମନ ମୋହିଲେ
କେବେ ନ ସରିବ ଥିବା ଯାଏ ଜୀବ
କୃଷ୍ଣ ଲୀଳା ଯେତେ କହିଲେ ।

କପଟୀ ପୂତନା ମନରେ
ବିଷ ବୋଳି ବେନି ଥନରେ
ଦୁଗ୍ଧ ପାନ କାଳେ କୃଷ୍ଣ କଉଶଳେ
ପ୍ରାଣ ଶୋଷିନେଲେ ଶୂନ୍ୟରେ ।
ଅଘା ଶକଟାକୁ ମାରିଲେ
ଅସୁର ଜନ୍ମରୁ ତାରିଲେ
ବୟସରେ ସାନ କାମରେ ମହାନ
ଇନ୍ଦ୍ରରାଜା ନିଜେ ହାରିଲେ ।
ଭକତ ଜନଙ୍କ ଭରତା
ସୃଷ୍ଟିର ପାଳନ କରତା
ଇନ୍ଦ୍ରଯଜ୍ଞ ନୁହଁ ଗଛ ହିଁ ଲଗାଅ
ସଂସାରକୁ ଦେଲେ ବାରତା ।

ସଂଜପଡା, ହିନ୍ଦୋଳ,
ଢେଙ୍କାନାଳ-୭୫୯୧୨୮
ମୋ-୯୦୭୮୧୮୫୬୧୬

# ଅଗଷ୍ଟ ପନ୍ଦର ଆସିଅଛି ଆଜି

ଜୟନ୍ତ କୁମାର ମଲ୍ଲିକ୍

ଅଗଷ୍ଟ ପନ୍ଦର ଆସିଅଛି ଆଜି
ଖୁସିର ପସରା ଧରି -
ସବୁରି ମନରେ ଜାତୀୟତା ଭାବ
ବଳେ ବଳେ ଯାଏ ଭରି,
ଫର୍ ଫର୍ ଉଡ଼େ ତ୍ରିରଙ୍ଗା ପତାକା
ମୁକତି ପ୍ରତୀକ ସାଜି -
ଏହି ଶୁଭ ଦିନେ ଆମେ ଜିତିଥିଲେ
ଆମ ସ୍ୱାଧୀନତା ବାଜି,
ଫିରିଙ୍ଗି ଶାସନ ଅତ୍ୟାଚାରରୁ
ମୁକ୍ତି ପାଇଲେ ଆମେ -
ସଂଗ୍ରାମୀ ମାନେ ଲୁହ ଲହୁ ଢ଼ାଳି
ସଫଳ ହୋଇଲେ କାମେ,
ଅହିଂସା ଆଗରେ ନୁଆଁଇଲେ ମଥା
କୁଚକ୍ରୀ ବେପାରୀ ଦଳ -
ଆମ ଏକତାର ଦିବ୍ୟ ଶକତି
ହରିନେଲା ତାଙ୍କ ବଳ,
ଆମ ହାତେ ଦେଇ ଶାସନର ଡୋରୀ
ସ୍ୱଦେଶକୁ ଗଲେ ଫେରି -
ମୁକତି ଆନନ୍ଦେ ଖୁସିହେଲେ ଆମେ
ବାଜିଲା ଶାନ୍ତିର ଭେରୀ,
ପବିତ୍ର ଦିବସେ ଆସ ଆମେ ମିଶି
ଜାତୀୟ ସଙ୍ଗୀତ ଗାଇ -
ସଂହତି ଭାବରେ ହେବା କୋଳା କୋଳି
ଶରଧାରେ ମିଠା ଖାଇ ।

ଶୂରଡିହ,ନନ୍ଦିପୁର,ଦଶରଥପୁର,ଯାଜପୁର
ମୋ-୯୪୩୭୮୬୫୭୨୭





# ସ୍ୱାଧୀନତା ଦିବସ

ଆଦ୍ୟାଶା ମହାପାତ୍ର

ପରାଧୀନତାର ଶୃଙ୍ଖଳ କାଟି
ମୁକ୍ତ ଏ ଭାରତବର୍ଷ
ପାଳିବାକୁ ସେଇ ମୁକ୍ତିର ଆନନ୍ଦ
ଖ୍ୟାତ ଏ ପୁଣ୍ୟ ଦିବସ ।।

ପବିତ୍ର ତ୍ରିରଙ୍ଗା ଗାରିମା ଆମର
ଶାନ୍ତି ମୈତ୍ରୀ ବାର୍ତ୍ତା ଦିଏ
ଜାତୀୟ ପତାକା ତଳେ ସବୁ ଏକ
ଛୋଟ ବଡ କେହି ନୁହେଁ ।।

ଯଶ ଗୌରବର ପ୍ରତୀକ ତ୍ରିରଙ୍ଗା
ସ୍ୱାଧୀନତା ଗୀତି ଗାଏ
ବୀର ଯବାନଙ୍କ ଆତ୍ମ ବଳିଦାନ
ଅମର କାହାଣୀ କହେ ।।

ନାହିଁ ଜାତିଭେଦ ସଭିଏଁ ସମାନ
ଏ ଦେଶ ଗୋଟିଏ ଜାତି
ଏକତାର ସୂତ୍ରେ ବନ୍ଧା ଏଇ ଦେଶ
ଭାଇଚାରା ଆମ ଶକ୍ତି ।।

ସବୁ ରାଷ୍ଟ୍ର ମଧ୍ୟେ ଶ୍ରେଷ୍ଠ ଏହି ଦେଶ
ଅହିଂସା ଯାହାର ମନ୍ତ୍ର
ସତ୍ୟାଗ୍ରହ ଧୈର୍ଯ୍ୟ କ୍ଷମା ତା ଐତିହ୍ୟ
ଶାସନ ତା ଗଣତନ୍ତ୍ର ।।

ଆଜି ପରା ଏଇ ପବିତ୍ର ଦିବସେ
କରିବା ଆସ ହେ ପଣ
ବଞ୍ଚିଥିବା ଯାଏ କରିବା ତା ସେବା
ରଖିବା ତା ସ୍ୱାଭିମାନ ।।

ନୂଆପଡ଼ା, କଟକ



# ପତାକା ଆମ ଜାତୀୟ ମାନ

ସୁଜିତ କୁମାର ମିଶ୍ର

ପତାକା ଆମ ଜାତୀୟ ମାନ
ଦେଶପ୍ରୀତିର ଚିହ୍ନ,
ଉଡ଼ିଲେ ସିଏ ମନେ ପଡ଼ଇ
ମୁକତି ଆନ୍ଦୋଳନ ।

ସବା ଉପରେ ନାରଙ୍ଗୀ ରଙ୍ଗ
ମଝିରେ ଥାଏ ଧଳା,
ସବୁଜ ରଙ୍ଗ ଶୋଭେ ଶେଷରେ
ବଖାଣି ଗୁଣ ସାରା ।

ନାରଙ୍ଗୀ ରଙ୍ଗ କୁହେ ସାହସ
ଧଳା ଯେ ସତ୍ୟଶାନ୍ତି,
ସବୁଜ ରଙ୍ଗ ଭାଇଚାରାର
ଭାବ ଆଦର୍ଶ ନୀତି ।

ମଝିରେ ଶୋଭେ ଅଶୋକ ଚକ୍ର
ପ୍ରତୀକ ପ୍ରଗତିର,
ଦେଶ ଭକ୍ତିରେ ହୋଇ ମୁଖର
ଉଡ଼େ ସେ ଫରଫର ।

କାରା ବରିଲେ କେତେ ଯେ ବୀର
ସ୍ୱରାଜ ଗୀତ ଗାଇ,
ସହୀଦ ହେଲେ ଲହୁରେ ଭିଜି
ପତାକା କୋଳେ ଶୋଇ ।

ତ୍ରିରଙ୍ଗା ଆମ ପତାକା ପରା
ଜଗତେ ଖ୍ୟାତ ଜାଣ,
ତାର ସୁରକ୍ଷା ସମ୍ମାନ ପାଇଁ
କରିବା ଟାଣ ପଣ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

# ସ୍ୱାଧୀନ ଆମ ଜନମ ମାଟି

ପ୍ରଫୁଲ୍ଲ କୁମାର ସାହୁ



ଯାଇଛି ହଟି ଅମା ଅନ୍ଧାର
ଦୁର୍ଦ୍ଦିନ ଦୁଃଖ ନିଶି,
ଏବେରେ ଆମେ ଆଜି ସ୍ୱାଧୀନ
ଯେତେ ଭାରତବାସୀ ।୧।

ସେଦିନର ସେ ଦୁଃଖ ଯାତନା
ଆଖିରେ ନାଚି ଯାଏ,
ଭାବିଲେ ଥରେ ମନ ଭିତରେ
ଛାତି ଥରାଇ ଦିଏ ।୨।

ମନରେ ଧରି ଦମ୍ଭ ସାହସ
ଜାତିର ପିତା ଗାନ୍ଧୀ,
ଏକ ଡୋରିରେ କୋଟି ହୃଦୟ
ପାରିଥିଲେ ସେ ବାନ୍ଧି ।୩।

କାଶ୍ମୀର ଠାରୁ କନ୍ୟା କୁମାରୀ
ପାଦରେ ଚାଲି ଚାଲି,
ଦେଖାଇଥିଲେ ସ୍ୱାଧୀନ ସ୍ୱପ୍ନ
ଘରକୁ ଘର ବୁଲି ।୪।

ତାଙ୍କ କଥାରେ ଥିଲା କିମିଆ
ଜାଗିଲେ ଦେଶବାସୀ,
ଅହିଂସା ରଣେ ପତାଇ ଦେଲେ
ଛାତି ଯେ ହସି ହସି ।୫।

ଏକତା ବଳେ ହେଲା ସ୍ୱାଧୀନ
ଆମ ଜନମ ମାଟି,
ଶାସନ ଡୋର ଦେଇ ଆମକୁ
(ଫେରି)ଗଲେ ଇଂରେଜ ଜାତି ।୬।

ସ୍ୱାଧୀନ ହେଲା ଭାରତ ଭୂଇଁ
ସଭିଏଁ ହେଲେ ଖୁସି,
ସେହି ଦିନରୁ ଆମ ଦେଶକୁ
(ଆମେ) ଶାସନ କରୁ ମିଶି ।୭।

ପ୍ରତି ବରଷ ସେହି ଦିନକୁ
ରଖିବା ପାଇଁ ମନେ,
ପାଳୁଛେ ଆମେ ଜାତୀୟ ପର୍ବ
ଆମେରେ ଏହି ଦିନେ ।୮।

ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ
ମୋ-୭୬୦୯୦୪୪୩୮୩

# ଆମ ବିଜୟର ଗାଥା

ସୁହଂସ ଭୋଇ

ସକାଳ ପ୍ରହରୁ ଗରଜି ଉଠୁଛି
ଚାରିଆଡେ ବୀର ବାଜା
ସତରେ ଏ ବାଜା ଲାଗେ ଭାରି ମଜା
ଇତିହାସ କରେ ତାଜା ।

କାନକୁ ଶୁଭୁଛି ଦେଶପ୍ରେମ ଗୀତି
ଆମ ବିଜୟର ଗାଥା
ତାଳ ଦେଇ ଚାଲେ ବୀର ସଇନିକ
ଉଚ୍ଚକରି ତାର ମଥା
ଫରଫର ହୋଇ ଉଡ଼େ ଆକାଶରେ
ଜାତି ସ୍ୱାଭିମାନ ଧ୍ୱଜା ।

ସହିଛି କଷଣ ଏ ଦେଶ ଜନତା
ବନ୍ଧୁକ ଗୁଳିର ବ୍ୟଥା
ଜାଗି ଉଠେ ଭକ୍ତି ମାତୃଭୂମି ପ୍ରୀତି
ଶୁଣି ଅତୀତର କଥା
ସ୍ୱାଧୀନତା ପାଇଁ ଲୁହଲହୁ ପିଇ
ଭୋଗିଛି କେତେଯେ ସଜା ।

ଅବସାନ ହେଲା ବିଦେଶୀ ଶାସନ
ସ୍ୱାଧୀନ ଭାରତ ମାତା
ଅହିଂସାରେ ଅଛି ଅସୀମ ଶକତି
ଦିଏ ଆଜି ଏଇ ବାର୍ତ୍ତା
ଆମରି ହାତରେ ଅଖଣ୍ଡ କ୍ଷମତା
ଆମେ ରାଜା ଆମେ ପ୍ରଜା ।

ପହଣ୍ଡି, ବିଜେପୁର, ବରଗଡ଼
ମୋ-୯୪୩୭୫୨୨୪୫୫





# ମିଶି ଗଢ଼ିଦେବା ସୁନା ଭାରତ

ଧିରେନ୍ଦ୍ର ମଲ୍ଲିକ



ଆସ ସାଙ୍ଗମାନେ ଏକ ହେବା
ତ୍ରିରଙ୍ଗାକୁ ଛୁଇଁ ଶପଥ ନେବା ।
ପାପ କୁଟନୀତି କରିକି ନାଶ
ବଦଳେଇଦେବା ଭାରତବର୍ଷ ।
ଦୁଷ୍କର୍ମ ଦୁର୍ନୀତି ରୋକିବା ଲାଗି
ଏକତ୍ରିତ ହୋଇ ଉଠିବା ଜାଗି ।
ହାତରେ ହାତକୁ ମିଶାଇଦେବା
ଅନ୍ୟାୟ ବିରୁଦ୍ଧେ ଆମେ ଲଢ଼ିବା ।
ଚାଲିଗଲେ ଯିବ ଆମ ଜୀବନ
ଟେକ ରହିଥିବ ଆମ ସମ୍ମାନ ।
ମାନିବାନି ହାର କର ଶପଥ
ମିଶି ଗଢ଼ିଦେବା ସୁନା ଭାରତ ।
ଗୋଟିଏ ମାଆର ସନ୍ତାନ ଆମେ
ଉତ୍ସର୍ଗ ହୋଇବା ଭାରତ ନାମେ ।

ନୀଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ଫୋନ୍-୭୯୦୪୩୯୨୬୮୬

# ବଜାରେ ବଜାରେ ବାଇଦ ବଜା...

ରାମଚନ୍ଦ୍ର ବେହେରା

ବଜାରେ ବଜାରେ ବାଇଦ ବଜା
ଜାତୀୟ ପତାକା ହେଲାଣି ସଜା
ଅଗଷ୍ଟ ପନ୍ଦର ଶୁଭ ଲଗନେ
ତ୍ରିରଂଗା ଉଡ଼ିବ ନୀଳ ଗଗନେ
ଜନ ମନ ଗୀତ ସର୍ବେ ଗାଇବେ
ଦେଶ ଅଖଣ୍ଡତା ପାଇଁ ଲଢ଼ିବେ
ବୀର ସନ୍ତାନଙ୍କ ନୀତି ଆଦର୍ଶ
ପାଳିବେ ସଭିଏଁ ହୋଇ ହରଷ
ଗାନ୍ଧି ଗୋପବନ୍ଧୁ ସାଜିବା ଆମେ
ଲାଗିଯିବା ଦେଶ ବିକାଶ କାମେ
ସୁଭାଷଙ୍କ ପରି ହେବା ନିର୍ଭୀକ
ଶାନ୍ତି ଦେବା ସାଜି ବୀର ତିଳକ
ରାଗ ରୋଷ ହିଂସା ମନୁ ଦୂରେଇ
ଦେଶକୁ ଗଢିବା ହାତ ମିଳେଇ
ଦେଶ ସୀମାନ୍ତରେ ଦେବା ପହରା
ମାନିବାନି ଆମେ ବରଷା ଖରା
କୃଷକ ଶ୍ରମିକ ଆମେ ସାଜିବା
ଦେଶ ହିତ ପାଇଁ ଶ୍ରମ କରିବା
ଦୀନ ଦରିଦ୍ରଙ୍କ କରିବା ସେବା
ଲୁହପୋଛି ହସ ମୁଖେ ଭରିବା
ଦୁର୍ନୀତି ବିରୁଦ୍ଧେ ସଦା ଲଢିବା
ତ୍ରିରଂଗା ନେତର ମାନ ରଖିବା
ଭେଦଭାବ ଭୁଲି କର୍ମ କରିବା
ସୁନାର ଭାରତ ଆମେ ଗଢିବା ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ସ୍ୱାଧୀନ ଭାରତ

ଦଶରଥ ମାଝୀ

ମନେ ଫୁଟି ଉଠେ ମମତାର ଫୁଲ
ପତାକା ତଳେ ସଭେ ହୋଇଲେ ଠୁଳ
ମଧୁର ସୁରେ ଶୁଭେ ଜାତୀୟ ଗୀତ
କହିଚାଲ ସର୍ବେ ସ୍ୱାଧୀନ ଭାରତ (୧)
ସେ କାଳର ବୀରପୁରୁଷଙ୍କ ଗାଥା
ଶୁଣି ଦେଲେ ଆପେ ନଇଁଯାଏ ମଥା
ପ୍ରଣାମ କରେ ଆମ ଯୁଗଳ ହାତ
କହିଚାଲ ସର୍ବେ ସ୍ୱାଧୀନ ଭାରତ (୨)
ମନରେ ଖେଳିଗଲେ ଦେଶ ଭକତି
ଗର୍ବରେ ଫୁଲି ଉଠେ ଆମ ଛାତି
ଦେଶ ସେବାରେ ମନଟା ଛଟପଟ
କହିଚାଲ ସର୍ବେ ସ୍ୱାଧୀନ ଭାରତ (୩)
ବୀରପୁରୁଷ ବଳିଦାନ ସକାଶେ
ନେତ ଉଡ଼େ ଜଳ ସ୍ଥଳ ଆକାଶେ
ଅଗଷ୍ଟ ପନ୍ଦରରେ ହୋଇ ଉନ୍ମତ୍ତ
କହିଚାଲ ସର୍ବେ ସ୍ୱାଧୀନ ଭାରତ (୪)

କୁରୁମାଟୁଆଁ,ଭବାନୀପାଟଣା,କଳାହାଣ୍ଡି
ମୋ-୮୨୪୯୨୧୨୪୭୨



# କୋଟି ଓଠେ ଭରିଦେବା ହସ

ପ୍ରଶାନ୍ତ କୁମାର ଦାଶ



ଆମରି ତ୍ରିରଙ୍ଗା ଉଡ଼େ ଫର ଫର
ଜାତି ମୁକତିର କାହାଣୀ କହି
ଦେଇଗଲେ ଆମ ହାତେ ସ୍ୱାଧୀନତା
କେତେଯେ ସଂଗ୍ରାମୀ କଷଣ ସହି ।।

ଭରାତୀୟ ଯେତେ ମହାନ ଆମେରେ
ସରଗୁ ସୁନ୍ଦର୍ ଆମରି ଦେଶ
ବଡେଇକୁ ଭାଙ୍ଗି ଫେରିଥିଲେ ଗୋରା
ଫିରିଙ୍ଗି ଶାସନ କରିକି ଶେଷ ।।

ଇତିହାସ ଆଜି ଗରବରେ ଗାଏ
ବୀର ପୁରୁଷର ବିଜୟ ଗୀତି
ସହି ଲାଠି ମାଡ଼ ଭାଙ୍ଗି ପିଠି ହାଡ
କରିଥିଲେ ଦୁଃଖ ଲୁହକୁ ଇତି ।।

ଗାନ୍ଧୀ ଗୋପବନ୍ଧୁ ନେହେରୁ ପଟେଲ
ସତ ଅହିଂସାର ନୀତିକୁ ମାନି
ଦେଶ ସେବା ଆଉ ମୁକତି ପାଇଁକି
ସାଜିଥିଲେ ପୁଣି ମହାନ୍ ଦାନୀ ।।

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଏ
ମହାନ ଦେଶର ବଲୁଆ ମାଟି
ବରଷ ତମାମ ସୁନାର ଫସଲ
ଚାଷୀଭାଇ ପୁଣି ଆଣଇ କାଟି ।।

ଏଇ ପତାକାର ମାନ ସନମାନ
ବଢ଼ାଇବା ଆମେ ଗୌରବ ଯଶ
ହେଇ ଏକମେଳି କରି ଦେଶହିତ
ଭରିଦେବା କୋଟି ଓଠରେ ହସ ।।

କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ
ମୋ-୯୬୬୮୮୨୨୧୯୦

# ପାଳିବୁ ଅଗଷ୍ଟ ପନ୍ଦର

ଦୀନବନ୍ଧୁ ପୋଇ

ପାଳିବୁ ଅଗଷ୍ଟ ପନ୍ଦର ଆମ ଜାତୀୟ ପର୍ବ
ଅଟଇ ମୋ ଦେଶବାସୀଙ୍କ ଏଇ ପରବ ଗର୍ବ ।
ପାଳିବେ ଆନନ୍ଦ ଚିତ୍ତରେ ସର୍ବେ ହୋଇଣ ମେଳି
ଜୟ ଧ୍ୱନି ପିଲା କରିବେ ସେ ଗାଆଁ ଗାଆଁ ବୁଲି ।
ଉଡାଇବେ ଧ୍ୱଜା ଆନନ୍ଦେ ଗାଇ ଜାତୀୟ ଗୀତ
ମାଆ ମାତୃଭୂମି ସୁରକ୍ଷା ପାଇଁ ଏ ଆମ ବ୍ରତ ।
ତିନି ରଙ୍ଗିଆ ଏ କେତନ ତାର ସଙ୍କେତ ତିନି
କେଶର ଧବଳ ସବୁଜ ଅଟେ ତାର କାହାଣୀ ।
ବିସ୍ମିତ ହୁଅଇ ବିଦେଶୀ ଜାଣି ତାହାର ଗୁଣ
ପ୍ରଚାର କରଇ ବୀରତ୍ୱ ସତ୍ୟ ଶାନ୍ତିକୁ ଜାଣ ।
ଧଳାଟି ଶାନ୍ତିର ପ୍ରତୀକ ଆମ ଦେଶର ମନ୍ତ୍ର
ଭଲ ଜାଣିଥିଲେ ଗୋରାଏ ଶାନ୍ତି କିପରି ଯନ୍ତ୍ର ।
ଭୀରୁ କାପୁରୁଷ ନୁହଁଇ କହେ କେଶରୀ ରଙ୍ଗ
ନାହିଁ ଭେଦ ଭାବ ଧର୍ମୀୟ ଆମେ ସଭିଏଁ ସାଙ୍ଗ ।
ଭିନ୍ନ କେ ନୁହଁଇ କୁହଇ ଆମ ଏଇ ତ୍ରିରଙ୍ଗା
ବୋହିଯାଉଛି ତା କୋଳରେ ପୁଣି ପବିତ୍ର ଗଙ୍ଗା ।
ଆସ ଆସ ଦେଶବାସୀଏ ଆମେ ନେବା ଶପଥ
ଗଲେ ଯାଉ ପଛେ ଜୀବନ ତାର ରଖିବା ଟେକ ।



ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ଦୂରଭାଷ- ୯୯୩୮୮୦୨୪୧୨



# ଆମ ସ୍ୱାଧୀନତା ଦିବସ

ସତ୍ୟବ୍ରତ ସାହୁ

ସେ ଦିନଟି ଥିଲା ଉଣେଇଶ ସତଚାଳିଶ ମସିହା ଅଗଷ୍ଟ ପନ୍ଦର ତାରିଖ
ଇଂରେଜ ଶାସିତ ଭାରତ ମାଆର ଓଠରେ ସେଦିନ ଦିଶିଲା ହସର ଝଲକ
ଗାନ୍ଧୀଙ୍କ ଅହିଂସା ଯୁଦ୍ଧରେ,
ହାରି ଗୋରା ଜାତି ଚାଲିଗଲେ ଛାଡ଼ି ସାତ ସମୁଦର ଡେଇଁରେ । (୧)
ଫର ଫର ହୋଇ ତ୍ରିରଙ୍ଗା ପତାକା ସେଦିନ ଉଡ଼ିଲା ଭାରତ ମାଆର ଶିରରେ
ସେହି ପତାକାକୁ ଉଡ଼ାଇବା ପାଇଁ କେତେ ଚଳିଗଲେ ମମତାମୟୀ ମା' କୋଳରେ
ସହିଲେ ଚାବୁକ ପାହାର,
ଗୁଳି ଆଗରେବି ଛାତି ପତାଇଲେ ଦେଖିବାକୁ ଖୁସି ମାଆର । (୨)
ବାର ବରଷର ବାଜିଆ ଠାରୁ ସତସ୍ତରୀ ବର୍ଷୀୟ ଗାନ୍ଧୀ ଚାହୁଁଥିଲେ ସ୍ୱାଧୀନତା
ସିପାହୀ ବିଦ୍ରୋହଠୁ ଭାରତ ଛାଡ଼ ମା' ଦେଖିଛି ସନ୍ତାନ ମନର ବ୍ୟାକୁଳତା
ପରାଧୀନା ଦେଖି ମାଆକୁ,
ବୀର ସନ୍ତାନ ତା' ଝାସ ଦେଇଥିଲେ ସ୍ୱାଧୀନତା ଯୁଦ୍ଧେ ଛାଆଁକୁ । (୩)
ସେପଟୁ ଚାଲିଲା ଗୁଳି ଓ ଚାବୁକ ଏପଟେ ଗାନ୍ଧୀ ଅହିଂସା ଯୁଦ୍ଧର ସେନାପତି
ମା' ପ୍ରତି ଦେଖି ସନ୍ତାନର ପ୍ରୀତି ହାତ ଥରିଗଲା ମଥା ନଇଁ ଦେଲା ଗୋରା ଜାତି
ସେ ଶୁଭ ଦିନକୁ ଚାହିଁକି,
ନେବାରେ ଶପଥ ଦେବାରେ ଜୀବନ ଲୋଡ଼ାହେଲେ ମା' ପାଇଁକି । (୪)

ପଲ୍ଲୀସାହି, କମାଳପୁର, ଅହିୟାସ,
ଯାଜପୁର- ୭୫୫୦୩୬
ମୋ-୮୯୧୭୨୭୩୫୪୫

# ଇଡି ଅଫିସ୍‌ରେ ସୁରେଶ ରାଇନା



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ଖେଳାଳି ସୁରେଶ ରାଇନାଙ୍କ ବଢ଼ିଲା ଅଡୁଆ। ଏକ ବେଟିଂ ଆପ୍ ପ୍ରଚାର ମାମଲାରେ ସୁରେଶ ରାଇନା ଏବେ ସମସ୍ୟାରେ ରହିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ସମନ୍ ପଠାଇବା ପରେ ରାଇନା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ରାଇନାଙ୍କୁ ପଚରାଉଚରା ମଧ୍ୟ କରାଯାଇଛି। ଏହି ମାମଲାର ତଦନ୍ତ ଏବେ ଜାରି ରହିଛି। ସୁରେଶ ରାଇନାଙ୍କ ଉପରେ ବେଟିଂ ଆପ୍ ୧ଏକ୍ସବେଟ୍‌କୁ ପ୍ରୋତ୍ସାହିତ କରିବାର ଅଭିଯୋଗ ହୋଇଛି। ସେ ଏହାର ବ୍ରାଣ୍ଡ ଆମ୍ବାସାଡାର।

ଗତ କିଛି ମାସ ଧରି, ବ୍ୟାନ୍ ହୋଇଥିବା ବେଟିଂ ୱେବସାଇଟ୍ ଆପ୍ସକୁ ପ୍ରୋତ୍ସାହିତ କରିବା ପାଇଁ ଇଡି ସେଲିବ୍ରିଟିମାନଙ୍କୁ ସମନ ପଠାଇବା ଆରମ୍ଭ କରିଛି। ସେମାନଙ୍କ ମଧ୍ୟରେ ପ୍ରଥମ ହେଉଛନ୍ତି ଷ୍ଟାର କ୍ରିକେଟର ସୁରେଶ ରାଇନା। ରାଇନା ୧ଏକ୍ସବେଟ୍ ବେଟିଂ ଆପ୍ ପ୍ରମୋଟ୍ କରିଥିଲେ। ଯାହା ଯୋଗୁଁ ତାଙ୍କୁ ଏହି ମାମଲାରେ ସାମିଲ କରାଯାଇଛି। ଭାରତ ସରକାର ୧ଏକ୍ସବେଟ୍ ଏବଂ ପରିମ୍ୟାଚ୍ ଭଳି ଆପ୍ସକୁ ବ୍ୟାନ୍ କରିଛନ୍ତି।

# ଦୀର୍ଘ ୨୦ ବର୍ଷ ପରେ ପୁଣିଥରେ ଭାରତ ଆୟୋଜନ କରିବ କମନୱେଲ୍ଥ ଗେମ୍

**ନୂଆଦିଲ୍ଲୀ**

ଭାରତ ପୁଣିଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ପ୍ରସ୍ତୁତ। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ବୁଧବାର, ଅଗଷ୍ଟ ୧୩ ତାରିଖରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛି। ୨୦୨୩ରେ ଅହମଦାବାଦରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ପାଇଁ ଅଲିମ୍ପିକ ସଂଘକୁ ଏକ ପ୍ରସ୍ତାବ ପଠାଯାଇଥିଲା। ଏବେ ଭାରତକୁ ଅଗଷ୍ଟ ୩୧ ସୁଦ୍ଧା ଚୂଡ଼ାନ୍ତ ବିଡ୍ ପାଇଁ ଏକ ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ।

ଭାରତୀୟ ଅଲିମ୍ପିକ ସଂଘର ଯୁଗ୍ମ ସଚିବ କଲ୍ୟାଣ ଚୌବେ ସ୍ୱତନ୍ତ୍ର ସାଧାରଣ ବୈଠକରେ କହିଛନ୍ତି ଯେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ଅନୁମୋଦନ ପାଇଛି। ଏବେ ଭାରତ ଏଥିପାଇଁ ପୂର୍ଣ୍ଣ ବଳରେ ପ୍ରସ୍ତୁତି କରିବ। ୨୦୩୦ରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗୁଜରାଟର ରାଜଧାନୀ ଅହମଦାବାଦରେ ଅନୁଷ୍ଠିତ ହେବ। ଭାରତ ସହିତ କାନାଡ଼ା ମଧ୍ୟ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଆବେଦନ କରିଥିଲା, କିନ୍ତୁ ଏହି ଦେଶ ବାଦ୍ ପଡ଼ିବା ପରେ, ଭାରତର ନାମ ଏବେ ଅନୁମୋଦନ ପାଇଛି।



କାର୍ଯ୍ୟକାରୀ ପରିଷଦ ସଦସ୍ୟ ରୋହିତ ରାଜପାଲ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ରେ ସେହି ସମସ୍ତ କ୍ରୀଡ଼ା ରଖାଯିବ, ଯେଉଁଥିରେ ଆମର ପଦକ ଜିତିବାର ସମ୍ଭାବନା ଅଧିକ। ରୋହିତ ରାଜପାଲ ଆହୁରି କହିଛନ୍ତି ଯେ ୨୦୨୬ ମସିହାରେ ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ହକି, କୁସ୍ତି, ବ୍ୟାଡ୍‌ମିଣ୍ଟନ ଏବଂ ସୁଟିଂକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ଏବଂ ଏହା ପଛରେ କାରଣ ଦର୍ଶାଯାଇଛି ଯେ ଏଗୁଡ଼ିକର ମୂଲ୍ୟ ଅଧିକ। ରାଜପାଲ କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଖେଳଗୁଡ଼ିକୁ ତିନୋଟି ଗୋଷ୍ଠୀରେ ରଖାଯାଇଛି। ପ୍ରଥମତଃ, ସେହି ଖେଳଗୁଡ଼ିକ ଯାହା ସର୍ବଦା ଅନୁଷ୍ଠିତ ହୋଇଆସୁଛି। ଦ୍ୱିତୀୟତଃ, ଯେଉଁଗୁଡ଼ିକୁ ଆୟୋଜକ ଦେଶ ବାଛିପାରିବ। ତୃତୀୟଟି ଅତିରିକ୍ତ ଖେଳ, ଯେଉଁଥିରେ ପାରମ୍ପରିକ ଏବଂ ସ୍ୱଦେଶୀ ଖେଳ ଅନ୍ତର୍ଭୁକ୍ତ ହୋଇପାରିବ।

ଭାରତ ୨୦୧୨ ମସିହାରେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା, ତା'ପରେ ଏହି ଖେଳଗୁଡ଼ିକ ଦେଶର ରାଜଧାନୀ ଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏବେ ୨୦ ବର୍ଷ ପରେ, ଭାରତରେ ପୁଣି ଥରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ହେବାକୁ ଯାଉଛି।

# ସାଗର ଧନକର ହତ୍ୟା ମାମଲା
# ସୁଶୀଲ କୁମାରଙ୍କୁ ଲାଗିଲା ବଡ଼ ଝଟ୍‌କା



**ନୂଆଦିଲ୍ଲୀ**

ଜୁନିଅର ମଲ୍ଲଯୋଦ୍ଧା ସାଗର ଧନକର ହତ୍ୟା ମାମଲାରେ ଅଭିଯୁକ୍ତ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କୁ ସୁପ୍ରିମକୋର୍ଟରୁ ଝଟ୍‌କା ଲାଗିଛି। ସୁପ୍ରିମକୋର୍ଟ ଅଲିମ୍ପିଆନ କୁସ୍ତିଯୋଦ୍ଧା ସୁଶୀଲ କୁମାରଙ୍କ ଜାମିନକୁ ବାତିଲ କରିଛନ୍ତି। ସୁପ୍ରିମକୋର୍ଟ ସୁଶୀଲ କୁମାରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟ ମାର୍ଚ୍ଚ ମାସରେ ସୁଶୀଲ କୁମାରଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତାଙ୍କୁ ମେ ୨୦୨୧ରେ ହତ୍ୟା ମାମଲାରେ ଗିରଫ କରାଯାଇଥିଲା।

ସୁଶୀଲ କୁମାର ହେଉଛନ୍ତି ଜୁନିଅର ମଲ୍ଲଯୋଦ୍ଧା ସାଗର ଧନକରଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ। ବୁଧବାର ବିଚାରପତି ସଞ୍ଜୟ କରଲ ଏବଂ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ସୁଶୀଲ କୁମାରଙ୍କୁ ଜାମିନ ପ୍ରଦାନ କରିବା ପାଇଁ ଦିଲ୍ଲୀ ହାଇକୋର୍ଟର ମାର୍ଚ୍ଚ ୪ ତାରିଖର ଆଦେଶକୁ ଖାରଜ କରିଦେଇଛନ୍ତି।

ବିଚାରପତି ସଞ୍ଜୟ କରଲ ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ଜାମିନ ଆଦେଶ ବିରୋଧରେ ସାଗରଙ୍କ ପିତାଙ୍କ ଦ୍ୱାରା ଦାୟର ଆବେଦନକୁ ଗ୍ରହଣ କରିଛନ୍ତି। ବିଚାରପତି କହିଛନ୍ତି ଯେ ସୁଶୀଲ କୁମାରଙ୍କୁ ଏକ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ପଡ଼ିବ। ମୃତକଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ବରିଷ୍ଠ ଓକିଲ ସିଦ୍ଧାର୍ଥ ମୃଦୁଲ ହାଜର ହୋଇଥିଲେ, ଯେତେବେଳେ ସୁଶୀଲ କୁମାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ମହେଶ ଜେଠମାଲାନୀ ସୁପ୍ରିମକୋର୍ଟରେ ହାଜର ହୋଇଥିଲେ। ସମ୍ପତ୍ତି ବିବାଦକୁ ନେଇ ସୁଶୀଲ କୁମାରଙ୍କ ସମେତ ଅନ୍ୟ କେତେଜଣଙ୍କ ଉପରେ ୪ ମଇ, ୨୦୨୧ରେ ଦିଲ୍ଲୀର ଛତ୍ରସାଲ ଷ୍ଟାଡିୟମର ପାର୍କିଂ ସ୍ଥାନରେ ସାଗର ଧନକର ଏବଂ ତାଙ୍କର ଦୁଇ ବନ୍ଧୁ ସୋନୁ ଏବଂ ଅମିତ କୁମାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ହରିୟାଣାର ରୋହତକର ୨୩ ବର୍ଷୀୟ ମଲ୍ଲଯୋଦ୍ଧା ସାଗର ଧନକରଙ୍କ ଆକ୍ରମଣରେ ମୃତ୍ୟୁ ହୋଇଥିଲା, ଯେତେବେଳେ ତାଙ୍କ ଦୁଇ ସାଥୀ ଆହତ ହୋଇଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଅନୁଯାୟୀ, ଆକ୍ରମଣ ଯୋଗୁ ସାଗର ଧନକରଙ୍କ ମୃତ୍ୟୁ ହୋଇଥିଲା।

# ପାକିସ୍ତାନକୁ ୨୦୨ ରନରେ ହରାଇ ସିରିଜ୍ କବ୍‌ଜା କଲା ୱେଷ୍ଟଇଣ୍ଡିଜ

**ନୂଆଦିଲ୍ଲୀ**

ଅତ୍ୟନ୍ତ ଲଜ୍ଜାଜନକ ପରାଜୟର ସାମ୍ନା କରିଛି ପାକିସ୍ତାନ। ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍‌ର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ପାକିସ୍ତାନ ଧୂଳି ଚାଟିଛି। ପାକିସ୍ତାନକୁ ବିଶାଳ ୨୦୨ ରନ ବ୍ୟବଧାନରେ ହରାଇ ଇଣ୍ଡିଜ ଟିମ୍ ଐତିହାସିକ ଦିନିକିଆ ସିରିଜ୍ ଜିତି ପାରିଛି।

ଦ୍ରୁତ ବୋଲର ଜୟଡେନ ସେଲ୍ସଙ୍କ ଘାତକ ବୋଲିଂ ଯୋଗୁ ତ୍ରିନିଦାଦରେ ଇଣ୍ଡିଜ ଟିମ୍ ବିଜୟ ସ୍ୱାଦ ଚାଖିଛି। ସେଲ୍ସ ଏକାକୀ ୬ ୱିକେଟ ନେବାରୁ ୨୯୫ ରନର ପିଛା କରୁଥିବା ପାକିସ୍ତାନ ମାତ୍ର ୯୨ ରନରେ ଅଲଆଉଟ୍ ହୋଇଯାଇଛି।

ପ୍ରଥମ ବ୍ୟାଟିଂ କରୁଥିବା ଇଣ୍ଡିଜ ଟିମ୍ ଅଧିନାୟକ ସାଇ ହୋପ୍‌ଙ୍କ ଅପରାଜିତ ଶତକ(୧୨୦) ବଳରେ ୬ ୱିକେଟ ହରାଇ ୨୯୪ ରନ କରିଥିଲା। ଏହାର ଜବାବରେ ପାକିସ୍ତାନ କେବଳ ୯୨ ରନ କରିପାରିଛି। ମ୍ୟାଚ୍ ସହ ଘରୋଇ ଟିମ ୨-୧ରେ ଦିନିକିଆ ସିରିଜ କବ୍‌ଜା କରିଛି। ୧୯୯୧ ପରେ ପାକିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ ଟିମ୍ କୌଣସି ଦିନିକିଆ ସିରିଜ୍ ବିଜୟ ହେବାର ସଫଳତା ସାଉଁଟିଛି।




ଇଣ୍ଡିଜ ଟିମ୍‌କୁ ଏପରି ବିଜୟରେ ବେଶ୍ ଆବଶ୍ୟକତା ମଧ୍ୟ ଥିଲା। କାରଣ ଦଳ ଏହା ପୂର୍ବରୁ ଟି-୨୦ରେ ପାକିସ୍ତାନ ଠାରୁ ହାରିଥିଲା। ସେହିପରି ଅଷ୍ଟ୍ରେଲିଆ ଠାରୁ ଟେଷ୍ଟରେ ୩-୦ ଓ ଟି-୨୦ରେ ୫-୦ରେ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୩୫ ବର୍ଷ ମଧ୍ୟରେ ପ୍ରଥମଥର ପାକିସ୍ତାନ ବିପକ୍ଷରେ କୌଣସି ସିରିଜ୍ ଜିତିବା ଇଣ୍ଡିଜ କ୍ୟାମ୍ପରେ ନୂଆ ଉତ୍ସାହ ଭରି ଦେଇଛି। ଏକଥା ମ୍ୟାଚ ପରେ ସାଇ ହୋପ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।

୨୯୫ ରନର ପିଛା କରୁଥିବା ପାକିସ୍ତାନକୁ ଆରମ୍ଭରୁ ଆକ୍ରମଣ କରିଥିଲେ ସେଲ୍ସ। ସେ ସୈମ ଆୟୁବ, ଅବଦୁଲ୍ଲା ଶଫିକ୍ୟୁ ଓ ମହମ୍ମଦ ରିଜୱାନଙ୍କୁ ଆଉଟ କରି ପାକିସ୍ତାନର ସ୍କୋରକୁ ୮-୩ କରି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ୯ ରନ କରିଥିବା ବାବର ଆଜମଙ୍କୁ ଏଲବିଡବ୍ଲୁ କରି ପାକିସ୍ତାନର ବିଜୟ ଆଶାରେ ପାଣି ପକାଇ ଦେଇଥିଲେ।

ବାମହାତୀ ସ୍ପିନର ଗୁଡ଼ାକେଶ ମୋତି ମିଡିଲ ଓଭରରେ ୨ଟି ୱିକେଟ ନେଇଥିବା ବେଳେ ସେଲ୍ସ ଶେଷ ଭାଗରେ ହାସନ ଅଲୀ ଓ ନଶୀମ ଶାହଙ୍କୁ ପ୍ୟାଭିଲିୟନ ପଠାଇ ୬ଷ୍ଠ ସଫଳତା ପାଇଥିଲେ। ଶେଷରେ ରୋଷ୍ଟନ ଚେଜ ପାକିସ୍ତାନର ଅବରାର ଅହମଦଙ୍କୁ ରନ ଆଉଟ କରି ଇଣ୍ଡିଜକୁ ବିଜୟ ଭେଟି ଦେଇଥିଲେ।

# ଆରସିବି ଦଳାଚକଟା ପାଇଁ
# ଚିନ୍ନାସ୍ୱାମୀ ହାତରୁ ଖସିଲା ମ୍ୟାଚ୍ !

**ନୂଆଦିଲ୍ଲୀ**

ଆସନ୍ତା ମାସରୁ ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ ହେଉଛି। ଭାରତ ଏବଂ ଶ୍ରୀଲଙ୍କାର ୮ଟି ଦଳ ମଧ୍ୟରେ ମୋଟ ୩୧ଟି ମ୍ୟାଚ୍ ଖେଳାଯିବ, ଯାହାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପାକିସ୍ତାନ ଦଳ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ପ୍ରକାଶିତ କାର୍ଯ୍ୟସୂଚୀରେ, ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୫ଟି ମ୍ୟାଚ୍ ସ୍ଥିର କରାଯାଇଛି, କିନ୍ତୁ କ୍ରିକବଜର ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଏଠାରେ କୌଣସି ମ୍ୟାଚ୍ ହେବ ନାହିଁ।

କ୍ରିକବଜର ରିପୋର୍ଟ ଅନୁଯାୟୀ, ଆଇସିସି ମହିଳା ବିଶ୍ୱକପର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ କରିବା ପାଇଁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘକୁ କର୍ଣ୍ଣାଟକ ସରକାରଙ୍କଠାରୁ ଅନୁମତି ମିଳିନାହିଁ।

# ଭୋଟ୍ ଜାଲିଆତି ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି କଳଙ୍କ : କଂଗ୍ରେସ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବିଜେପିର ଭୋଟ ଚୋରିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି କମିଟିର ସଂପାଦିକା ଡ. ଦେବସ୍ମିତା ଶର୍ମା ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଯୋଗ ଦେଇ ସାମ୍ବାଦିକମାନଙ୍କୁ ଭୋଟ ଚୋରି ପ୍ରସଙ୍ଗରେ ସମ୍ବୋଧିତ କରିଥିଲେ। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରର ବିଜେପି ନେତୃତ୍ୱ ମୋଦୀ ସରକାର ଭାରତର ନିର୍ବାଚନ ଆୟୋଗକୁ ହାତ ବାରିଶି କରି କୌଶଳ ଆପଣାଇ ପ୍ରାୟ ୨୫ଟି ସିଟରେ ନିର୍ବାଚନ ଜିତିବା ଭାରତୀୟ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଏକ କଳଙ୍କ। ଏହି ପରିପ୍ରେକ୍ଷୀରେ




କର୍ଣ୍ଣାଟକ ରାଜ୍ୟର ବାଙ୍ଗାଲୋର ସଂସଦୀୟ କ୍ଷେତ୍ରକୁ ଦୀର୍ଘ ୬ ମାସ ଧରି ସ୍ୱତନ୍ତ୍ର ଭାବେ ତନ୍ନତନ୍ନ କରି ପରୀକ୍ଷା ମୂଳକ ଭାବେ ଜାଣିବାକୁ ପାଇଲେ ଯେ ଫର୍ମ ୬ରେ ଅଯୋଗ୍ୟ ଭୋଟର, ଗୋଟିଏ ଠିକଣାରେ ଭୋଟର, ଫେକ୍ ଠିକଣାରେ ଡୁପ୍ଲିକେଟ ଭୋଟର, ଯେଉଁମାନଙ୍କ ନାମ ବାରମ୍ବାର ତାଲିକାରେ ସାମିଲ କରି ନିର୍ବାଚନ ଜିତିବା ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟା କରିବା କରିବା ପରି ଗମ୍ଭୀର ଆରୋପ ଲଗାଇଥିଲେ। ଏହିପରି ଭାବେ ମହାଦେବପୁରା ବିଧାନସଭାକୁ ବି ଶ୍ରୀ ଗାନ୍ଧୀ ଭୋଟ ଚୋରି ହେବା ଦର୍ଶାଇଥିଲେ। ବାଙ୍ଗାଲୋରର କଂଗ୍ରେସ ସାଂସଦ ପ୍ରାର୍ଥୀ ଭୋଟରେ ପରାଜିତ ହେଲେ। ମହାଦେବପୁର ବିଧାନସଭାରେ କଂଗ୍ରେସ ପ୍ରାର୍ଥୀ ହାରିବା ଅତ୍ୟନ୍ତ ହାସ୍ୟାସ୍ପଦ। ଏପରିକି ଡିଜିଟାଲ ଭୋଟ ତାଲିକାକୁ ପ୍ରକାଶ ନକରିବା, ସିସି ଟିଭି ଫୁଟେଜକୁ ସାର୍ବଜନୀନ ନକରିବା, ରାହୁଲ ଗାନ୍ଧୀଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେବା, ଗୋଟିଏ ଭୋଟର ଗୋଟିଏ ଭୋଟ ଦେବା ଭଳି ଅଧିକାର ଓ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ କରିବା ବଦଳରେ ଏପରି ହୀନ ପ୍ରୟାସ ଭାରତ ପାଇଁ କଳଙ୍କିତ ଇତିହାସ। ଏଆଇସିସି ପକ୍ଷରୁ ୪ ଗୋଟି ପତ୍ର ଇସିଆଇକୁ ଦିଆଯାଇଥିବା ସତ୍ତ୍ୱେ ଏହାର ଉତର ନଦେଇ ରାହୁଲ ଗାନ୍ଧୀଙ୍କୁ କାରଣ ଦର୍ଶାଅ ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ. ଶର୍ମା ସାମ୍ବାଦିକ ସମ୍ମିଳନୀରେ ବ୍ୟକ୍ତ କରିଥିଲେ। ଏକ ପ୍ରଜେକ୍ଟର ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ବାର୍ତ୍ତା ଥିବା ଭିଡିଓକୁ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶନ କରାଯାଇ ଥିଲା। ଆଗାମୀ ବିହାର ରାଜ୍ୟ ନିର୍ବାଚନ ଅନୁଷ୍ଠିତ ହେବା ପୂର୍ବରୁ ଏହାକୁ ସଠିକ କରି ପ୍ରତ୍ୟକ ରାଜ୍ୟ ଓ ସାଧାରଣ ନିର୍ବାଚନର ଡିଜିଟାଲ ଭୋଟର ଲିଷ୍ଟ ଜାରି କରିବାକୁ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଦାବି କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସନ୍ତୋଷ କୁମାର ନନ୍ଦ, ସୁଦିପ କୁମାର କର, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଦିଲିପ ଦାଶ, ଗଦାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ପରିସରରେ ଅଣଛାତ୍ର ପ୍ରବେଶକୁ ବିରୋଧ : ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଗୋପବନ୍ଧୁ ବିଜ୍ଞାନ କଲେଜ ପରିସରରେ ସବୁବେଳେ ଅଣଛାତ୍ର ପ୍ରବେଶ କରି ନାନା ବିଶୃଙ୍ଖଳା ସୃଷ୍ଟି କରିବା ଦ୍ୱାରା ଶୈକ୍ଷିକ ବାତାବରଣ କଳୁଷିତ ହେଉଛି। ବହୁ ସମୟରେ ଅଣଛାତ୍ର ମାନେ ବିଭିନ୍ନ ପ୍ରକାରର ନିଶା ସେବନ କରିବା ସହ ଛାତ୍ରଙ୍କ ସହ ଗଣ୍ଡଗୋଳ କରିବା ଓ ନିରୀହ ଛାତ୍ରଙ୍କୁ ମାରପିଟ୍ କରିବା ସହିତ ଛାତ୍ରୀମାନଙ୍କୁ ମଧ୍ୟ କମେଣ୍ଟ ମାରୁଥିବା ଅଭିଯୋଗ ହେଉଛି। ଫଳରେ ଛାତ୍ରଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅଣଛାତ୍ରଙ୍କୁ କଲେଜ ପରିସରରେ ପ୍ରବେଶ



କରାଇନଦେବା ଦାବି କରି କଲେଜର ଛାତ୍ରଛାତ୍ରୀ ଅଧକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଣଛାତ୍ରଙ୍କୁ କଲେଜ ପରିସରରେ ପ୍ରବେଶକୁ ବାରଣ କରିବା ଲାଗି ମୁଖ୍ୟ ଫାଟକରେ ସୁରକ୍ଷା କର୍ମୀ ନିୟୋଜିତ କରି ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଦେଖି ଛଡ଼ାଯିବାକୁ ସେମାନେ ଦାବି କରିଛନ୍ତି। କଲେଜ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ଅଧକ୍ଷ ଡ. ଲୋକନାଥ ସାହୁଙ୍କୁ ଏ ସମ୍ପର୍କିତ ସ୍ମାରକପତ୍ର ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହାର ନକଲ ସେମାନେ ଉପଖଣ୍ଡ ପୁଲିସ ଅଧିକାରୀ ଓ ଆଠଗଡ଼ ଆଇଆଇସିଙ୍କ ପ୍ରଦାନ କରିଥିବା ଜଣାପଡ଼ିଛି।

ଏହାଛଡ଼ା ସନ୍ଧ୍ୟା ପରଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କଲେଜ ପରିସରରେ କେତେକ ଅସାମାଜିକ ତତ୍ତ୍ୱ ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଆଦି ନିଶାଦ୍ରବ୍ୟ ସେବନ କରୁଥିବା ଦୀର୍ଘ ଦିନ ହେବ ଅଭିଯୋଗ ହୋଇଆସୁଛି। କଲେଜ ପରିସରରେ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ଏଥିପାଇଁ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତେଣୁ ଆଠଗଡ଼ ପୁଲିସ ନିୟମିତ ସନ୍ଧ୍ୟାରୁ ରାତି ୧୧ ମଧ୍ୟରେ କଲେଜ ପରିସରରେ ପାଟ୍ରୋଲିଂ କରିବା ସହ ନିଶାସେବନ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଠଗଡ଼ର ବୁଦ୍ଧିଜୀବୀ ମହଲରେ ମଧ୍ୟ ଦାବି ହେଉଛି।

# ରୋଗୀକୁ ନେବାକୁ ଆସିଥିଲା ୧୦୮ ଆମ୍ବୁଲାନ୍ସ : ରାସ୍ତାରେ ଲାଗିଲା ନିଆଁ

**ବାଣପୁର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନା ଅନ୍ତର୍ଗତ ବାଣପୁର ମୁଖ୍ୟ ରାସ୍ତା ଆୟତପୁର ଠାରୁ ଦେଓଗାଁ ମଝିରେ ଥିବା କାହ୍ନୁ ପ୍ରଧାନଙ୍କ କୁକୁଡ଼ା ଫାର୍ମ ହାଉସଠାରେ ରାସ୍ତାରେ ଜଳିଗଲା ୧୦୮ ଆମ୍ବୁଲାନ୍ସ। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ସହ ଆଟନଷ୍ଟ ଓ ଫାର୍ମାସିଷ୍ଟ । ଗମ୍ଭାରୀମୁଣ୍ଡରୁ ସି.ଏଚ.ସିରୁ ବାହାରି ରୋଗୀନେବା ପାଇଁ ରାତି ପ୍ରାୟ ୩ଟାରେ ପଲଟଣ ପଡ଼ିଆ ଆସୁଥିବା ବେଳେ କୋଳଥଡ଼ିହ ଛକ ରାସ୍ତାରେ ରୋଗୀ ଚାଲିଗଲାଣି ବୋଲି ଖବର ପାଇଥିଲେ । ଅଧା ରାସ୍ତାରୁ ଆମ୍ବୁଲାନ୍ସ ଗମ୍ଭାରୀମୁଣ୍ଡା ଫେରୁଥିବା ବେଳେ ହଠାତ ଆମ୍ବୁଲାନ୍ସରୁ ନିଆଁ ସହିତ ପୋଡ଼ା ଦୁର୍ଗନ୍ଧ ଆସିଥିଲା। ଡ୍ରାଇଭର ଓ ଅନ୍ୟମାନେ ବାହାରକୁ ଆସି ନିଆଁ ଲିଭାଇବା ନିମନ୍ତେ ଚେଷ୍ଟା କରିବାସହ ଅଗ୍ନିଶମ ବିଭାଗକୁ ଖବର



ଦେଇଥିଲେ। ନିଆଁର ପ୍ରଭାବ ଏତେ ଥିଲା ଯେ ଆମ୍ବୁଲାନ୍ସଟି ଭ୍ରଷ୍ଟ ହୋଇ ଖଣ୍ଡ ବିଖଣ୍ଡିତ ଲୁହା ପ୍ରାୟ ଦେଢ଼ଶହରୁ ଦୁଇଶହ ଫୁଟରେ ପଡ଼ିଥିଲା। ଖବରପାଇ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସର ଷ୍ଟାପ ଘଟଣାସ୍ଥଳରେ ପହଞ୍ଚିଥିଲା।

# ରାଜସ୍ୱ ବିଭାଗ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ ନେଇ ଅଭିଯୋଗ

**ରଣପୁରଗଡ଼, ନ୍ୟୁଜ୍‌ବ୍ୟୁରୋ**

ରାଜସ୍ୱ ବିଭାଗ ସେବା ପ୍ରଦାନରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ସାଧାରଣ ଲୋକ ଜମିଜମା ସମସ୍ୟା ସମାଧାନ ପାଇଁ ରାଜସ୍ୱ କାର୍ଯ୍ୟାଳୟକୁ ଦଉଡି ଦଉଡି ଜୀବନ ଚାଲିଯାଉଛି କିନ୍ତୁ ସମସ୍ୟା ସମାଧାନ ହେଉନାହିଁ। ରାଜସ୍ୱ ବିଭାଗ ପ୍ରତି ସାଧାରଣ ନାଗରିକ ହତାଶାଭାବ ପ୍ରଦର୍ଶନ କରୁଛନ୍ତି। ଏପରିକି ବର୍ଷ ବିତୁଥିଲେ ମଧ୍ୟ ସରକାରୀ କାର୍ଯ୍ୟାଳୟ ନାମରେ ନିଜସ୍ୱ ଜମି ହୋଇପାରୁ ନାହିଁ। ଏଭଳି ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ କାର୍ଯ୍ୟାଳୟ କ୍ଷେତ୍ରରେ। ୧୯୫୫ ମସିହାରେ ରଣପୁର ବ୍ଲକ ସ୍ଥାପିତ ହୋଇଥିଲା। ୭୦ ବର୍ଷ ବିତିଯାଇ ଥିଲେ ମଧ୍ୟ ବ୍ଲକ ନାମରେ ନିଜସ୍ୱ




ଜମି ନାହିଁ। ଯାହା ଫଳରେ ଅନେକ ଅସୁବିଧା ଦେଖାଦେଉଛି। ଏହାକୁ ନେଇ ଏକ ଅବସୋସ ରହିଗଲା ବୋଲି କହିଛନ୍ତି ନୟାଗଡ଼ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ। ତାଙ୍କ କହିବା ଅନୁଯାୟୀ ସେ ରଣପୁରରେ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ସମୟରେ ରଣପୁର ବ୍ଲକ ନାମରେ ନିଜସ୍ୱ ଜମି ପାଇଁ ଆଲାଇନେସନ ପାଇଁ ସ୍ୱାକ୍ଷର କରିଥିଲେ। ତା'ପରେ ତାଙ୍କର ବଦଳି ହୋଇଯାଇଥିଲା। ସେ ପୁଣି ନୟାଗଡ଼ ଉପଜିଲ୍ଲାପାଳ ହେବା ପରେ ରଣପୁର ତହସିଲଦାରଙ୍କୁ ରଣପୁର ବ୍ଲକ ନିଜସ୍ୱ ନାମରେ ଜମି ରେକର୍ଡ କଥା ପଚାରିଥିଲେ। ସେତେବେଳକୁ ରେକର୍ଡ ମିଳି ନଥିଲା। ଏବେ ନୟାଗଡ଼ ଜିଲ୍ଲା ମୁଖ୍ୟ ନିର୍ବାହୀ ଭାବରେ ଏକ ଅବସୋସ ରହିଗଲା ବୋଲି ରଣପୁର ଜନ ଶୁଣାଣୀ ଶିବିରରେ ରଣପୁର ବର୍ତ୍ତମାନର ବିଡିଓ ଓ ତହସିଲଦାରଙ୍କୁ କହିଥିଲେ। ରଣପୁର ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଆଦି ଅନେକ ସରକାରୀ କାର୍ଯ୍ୟାଳୟ ନାମରେ ନିଜସ୍ୱ ଜମି ନାହିଁ। ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

# ଘରେ ଘରେ ତ୍ରିରଙ୍ଗା



ରମେଶ ପ୍ରଧାନ

'ଘରେ ଘରେ ତ୍ରିରଙ୍ଗା' କିମ୍ବା 'ହର୍ ଘର୍ ତ୍ରିରଙ୍ଗା' କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କର ଏକ ଅଭିନବ କାର୍ଯ୍ୟକ୍ରମ। ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ବା ଜାତୀୟ ପତାକା ଉଡ଼ାଇବା ଦେଶରେ ଏକ ଦେଶପ୍ରେମୀ ଉଦ୍ୟମ ବୋଲି ବିବେଚିତ ହୁଏ। ଏହାର ଉଦ୍ଦେଶ୍ୟ ହେଉଛି ଆମର ଜାତୀୟ ପତାକା ଏବଂ ନାଗରିକମାନଙ୍କ ମଧ୍ୟରେ ସମ୍ପର୍କକୁ ଗଭୀର ଏବଂ ଘନିଷ୍ଠ କରିବା। ଭାରତର ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ 'ଆଜାଦୀ କା ଅମୃତ ମହୋତ୍ସବ'ର ଏକ ଅଙ୍ଗ ହିସାବରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ୨୦୨୨ ମସିହାରେ।

ଛୋଟ ଛୋଟ କାର୍ଯ୍ୟକ୍ରମର ଏକ ନିଆରା ଯାଦୁକରୀ ପ୍ରଭାବ ରହିଥାଏ। ଏହା ସେହିଭଳି ଏକ କାର୍ଯ୍ୟକ୍ରମ ଯାହା ଦେଶ ଓ ଜାତିକୁ ଐକ୍ୟବଦ୍ଧ କରିଥାଏ। ଆମ ଦେଶ ୨୦୨୫ ଅଗଷ୍ଟ ୧୫ ତାରିଖରେ ତାହାର ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି ଅବସରରେ ପ୍ରତିଟି ଘରେ ପୁନଶ୍ଚ ଅଗଷ୍ଟ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଜାତୀୟ ପତାକା ଉଡ଼ାଇବା ପାଇଁ ପ୍ରତ୍ୟେକ ପରିବାରକୁ ଆହ୍ୱାନ କରାଯାଉଛି। ସେମାନେ ଗର୍ବର ସହିତ ତ୍ରିରଙ୍ଗା ବା ଜାତୀୟ ପତାକା ଘରେ ଘରେ ଉଡ଼ାଇବେ ଏବଂ ଏହା ନାଗରିକମାନଙ୍କ ମଧ୍ୟରେ ଭାବବନ୍ଧନର ପ୍ରତୀକ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ମୁକ୍ତିର ନିଶାଣ ହେବ। ଏହି ବର୍ଷ 'ହର୍ ଘର୍ ତିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆମେ ପାଳନ କରିବାକୁ ଯାଉଛୁ। ଏହା ପାଳନ କରି ଆମେ ଦେଶଭକ୍ତିର ପରାକାଷ୍ଠା ଦେଖାଇବୁ। ଜାତୀୟ ପତାକା ଉଡାଇବା ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନ ହୋଇ ବ୍ୟକ୍ତିଗତ ଏବଂ ଭାବଗତ ସମ୍ପର୍କର ଉତ୍ସବ ହେବ ଏବଂ ପ୍ରତ୍ୟେକଙ୍କ ମନରେ ଜାତୀୟ ଐକ୍ୟଭାବ ଏବଂ ଗର୍ବବୋଧ ଉଦ୍ରେକ କରିବ। ଏହା ଆନୁଷ୍ଠାନିକତା ବା ଲୋକଦେଖାଣିଆ ପରିସରର ବାହାରେ ପ୍ରତିଟି ଘରର , ପ୍ରତ୍ୟେକ ବ୍ୟକ୍ତିର ସାମୂହିକ କାର୍ଯ୍ୟକ୍ରମ ହେବ, ଯେଉଁଥିରେ ସମୁଦାୟ ସଂପୃକ୍ତ ହେବେ।

## 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ମୂଳ ଉଦ୍ଦେଶ୍ୟ

**ଲକ୍ଷ୍ୟ :** ଜାତୀୟ ପତାକାକୁ ପ୍ରତି ଘରକୁ ଆଣିବା ଏବଂ ଭାରତର ସ୍ୱାଧୀନତାର ପ୍ରତୀକ ରୂପେ ଜାତୀୟ ପତାକା ଘରେ ଘରେ ଉଡାଇବା ଲାଗି ନାଗରିକମାନଙ୍କୁ ପ୍ରୋତ୍ସାହିତ କରିବା।

**ତାତ୍ପର୍ଯ୍ୟ :** ଭାରତର ସମୃଦ୍ଧ ଇତିହାସ , ସାଂସ୍କୃତିକ ବୈଚିତ୍ର୍ୟ ଏବଂ ଜନଗଣଙ୍କର ଦୃଢ଼ ମନୋବଳର ଏକ ପ୍ରତୀକ ରୂପେ ଜାତୀୟ ପତାକାକୁ ଦେଖିବା ଉପରେ ଏହି ଅଭିଯାନ ଗୁରୁତ୍ୱାରୋପ କରିଥାଏ।

**ବ୍ୟକ୍ତିଗତ ସମ୍ପର୍କ :** ଏହି ଅଭିଯାନର ଲକ୍ଷ୍ୟ ହେଲା ଜାତୀୟ ପତାକା ସହିତ ଆନୁଷ୍ଠାନିକ ସମ୍ପର୍କର ବାହାରକୁ ନାଗରିକମାନଙ୍କୁ ନେଇଯିବା, ଏବଂ ଅଧିକ ବ୍ୟକ୍ତିଗତ ଏବଂ ଭାବଗତ ସମ୍ପର୍କ ସ୍ଥାପନ କରି ଦେଶାତ୍ମବୋଧ ଜାଗ୍ରତ କରିବା।

**ସାମୂହିକ ଅଙ୍ଗୀକାରବଦ୍ଧତା :** ଘରେ ଘରେ ଜାତୀୟ ପତାକା ଉଡାଇବାକୁ ଦେଶ ଓ ଜାତି ଗଠନ ପାଇଁ ସାମୂହିକ ଅଙ୍ଗୀକାରବଦ୍ଧତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ବୋଲି ବିବେଚନା କରାଯାଏ।

**ଅଂଶଗ୍ରହଣ :** ତ୍ରିରଙ୍ଗା ପତାକା ଧରି ସେଲ୍ଫି ନେବା ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯାଏ ଏବଂ ସରକାରୀ ୱେବସାଇଟରେ ତାହାକୁ ପ୍ରଦର୍ଶିତ କରିବାକୁ କୁହାଯାଇଥାଏ। ଏଥିପାଇଁ ଅଂଶଗ୍ରହଣକାରୀମାନଙ୍କୁ 'ହର୍ ଘର୍ ତିରଙ୍ଗା'ର ରାଷ୍ଟ୍ରଦୂତ ରୂପେ ବିବେଚନା କରାଯିବ ଏବଂ ସେମାନଙ୍କୁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଡିଜିଟାଲ ବ୍ୟାଚ୍ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଏହି ଅଭିଯାନର ମୁଖ୍ୟ ସଂଚାଳକ ସଂସ୍ଥା ବା ନୋଡାଲ ଏଜେନ୍ସି ହେଉଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ।

**ସଚେତନତା :** ଏହି ଅଭିଯାନ ମଧ୍ୟ ଦେଶର ଜାତୀୟ ପତାକା ସମ୍ପର୍କରେ ନାଗରିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଏ ଏବଂ ନାଗରିକମାନଙ୍କୁ ଜାତୀୟ ପତାକାର ଗୁରୁତ୍ୱ ସୂଚାଇ ଜନଗଣଙ୍କ ମନରେ ଦେଶାତ୍ମବୋଧ ଜାଗ୍ରତ କରିଥାଏ।

ଏହି ବର୍ଷ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏହି ଅଭିଯାନକୁ ଆହୁରି ଜୋରଦାର କରୁଛି ଏବଂ 'ହର୍ ଘର୍ ତ୍ରିରଙ୍ଗା' ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏହି ଉଦ୍ଦେଶ୍ୟରେ ଗ୍ରହଣ କରିଛି। ସାରା ଦେଶରେ ସ୍ୱେଚ୍ଛାସେବୀମାନେ ଏହି ଅଭିଯାନକୁ ପ୍ରସାର କରି ଅଧିକ ପ୍ରଭାବଶାଳୀ କରିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେମାନେ ନିକଟସ୍ଥ ବସତି ଅଞ୍ଚଳକୁ ଯାଇ ପ୍ରତ୍ୟେକ ପରିବାରକୁ ଠିକ୍ ଭାବେ ଜାତୀୟ ପତାକା ଉଡ଼ାଇବାରେ ସାହାଯ୍ୟ କରିବେ, ପତାକା ବିତରଣ କରିବେ ଏବଂ ଅଭିଯାନର ପୋର୍ଟାଲରେ ସେଲଫି ଅପଲୋଡ଼ କରିବା ପାଇଁ ବାସିନ୍ଦାମାନଙ୍କୁ ଉତ୍ସାହିତ କରିବେ। ଏହି ପୋର୍ଟାଲ ଅଗଷ୍ଟ ୨ ତାରିଖରୁ ଖୋଲାଯାଇଛି। ଯେଉଁ ସ୍ୱେଚ୍ଛାସେବୀମାନେ ସେମାନଙ୍କର ଭୂମିକାକୁ ସଫଳ ଭାବେ ସମ୍ପାଦନ କରିବେ, ସେମାନଙ୍କୁ ସରକାରୀ ସୂତ୍ରରୁ ସାର୍ଟିଫିକେଟ ବା ପ୍ରଶଂସାପତ୍ର ପ୍ରଦାନ କରାଯିବ। ଯେଉଁ ସ୍ୱେଚ୍ଛାସେବୀମାନେ ସେମାନଙ୍କ କାର୍ଯ୍ୟରେ ବିଶେଷ କୃତିତ୍ୱ ଅର୍ଜନ କରିବେ ସେମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ସ୍ୱୀକୃତ ଓ ସମ୍ମାନିତ ହେବେ।

'ଆଜାଦୀ କା ଅମୃତ ମହୋତ୍ସବ' ମଧ୍ୟରେ ୨୦୨୨ ମସିହାରେ ପ୍ରଥମ କରି ଆରମ୍ଭ ହୋଇଥିବା ଏହି 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଇତିମଧ୍ୟରେ ଏକ ଶକ୍ତିଶାଳୀ ଜନ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଜାତୀୟ ପତାକାକୁ ଏକ ଆନୁଷ୍ଠାନିକ ପ୍ରତୀକରୁ ରୂପାନ୍ତରିତ କରି ଜାତୀୟ ଐକ୍ୟ ଏବଂ ବ୍ୟକ୍ତିଗତ ଗର୍ବବୋଧର ଅଭିବ୍ୟକ୍ତି କରିଛି। ଫଳରେ ଜାତୀୟ ପତାକା କାର୍ଯ୍ୟତଃ ଜାତୀୟ ଚେତନାର ବାହକ ଏବଂ ଧାରକ ହୋଇଛି। ତେଣୁ 'ଘରେ ଘରେ ତ୍ରିରଙ୍ଗା' ବା 'ହର୍ ଘର୍ ତିରଙ୍ଗା' ଅଭିଯାନ ଭାରତ ସରକାରଙ୍କର ଏକ ଅତ୍ୟନ୍ତ ସଫଳ କାର୍ଯ୍ୟକ୍ରମ ହୋଇପାରିଛି। ଏହା ଭାରତର ବିଶାଳ ସଂଖ୍ୟକ ଜନଗଣଙ୍କୁ ଘରେ ଘରେ ଜାତୀୟ ପତାକା ହାତରେ ଉଡାଇବାକୁ ଉଦ୍‌ବୁଦ୍ଧ କରିଛି ଏବଂ ଦେଶଭକ୍ତି ଭାବନାରେ ଆପ୍ଲୁତ କରିଛି। ଶେଷରେ ଜାତୀୟ ପତାକାକୁ ଜାତୀୟ ଜୀବନ ସହିତବାନ୍ଧିଦେବାର ଏହା ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର
ମୋ. ନଂ. : ୯୧୨୪୫୬୨୬୨୬

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଅଗଷ୍ଟ ୨୦୨୫ ଗୁରୁବାର





## ସମୟ ଓ ସମୟ ଲାଇଭ ପକ୍ଷରୁ କାର୍ଯ୍ୟକ୍ରମ

# ଭାରତର ସ୍ୱାଧୀନତା ଆନ୍ଦୋଳନରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଅନ୍ୟତମ ସମ୍ବାଦପତ୍ର ସମୟ ଓ ସମୟ ଲାଇଭ୍ ପକ୍ଷରୁ ପ୍ରାକ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ସ୍ଥାନୀୟ ଓଡ଼େଶା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମକୁ ସମୟ ଖବର କାଗଜ ଓ ସମୟ ଲାଇଭର ସମ୍ପାଦକ ପପୁ ମହାନ୍ତି ସଭାପତିତ୍ୱ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ସ୍ୱାଗତ ଅଭିଭାଷଣରେ ସ୍ୱାଧୀନତା ପୂର୍ବ ଓ ପରର ଗଣମାଧ୍ୟମର ଭୂମିକା, ସ୍ଥିତି ଓ ପରିସ୍ଥିତି ଉପରେ ସୂଚନା ଦେଇଥିଲେ । ସମୟର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଉପରେ ଆଲୋଚନା କରିବା ସହ ବିଭିନ୍ନ ସମୟରେ ସରକାର କିପରି ଗଣତନ୍ତ୍ରକୁ କଣ୍ଠରୋଧ କରିଥିଲେ ତା'ର ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜ ଅଭିଭାଷଣରେ ବର୍ତ୍ତମାନ କିପରି ନିର୍ଦ୍ଦିଷ୍ଟ ଖବର କାଗଜ ଉଦ୍ଦେଶ୍ୟମୂଳକ ଭାବେ ଖବର ପ୍ରକାଶନ କରୁଛନ୍ତି ସେ ସମ୍ପର୍କରେ ମତ ରଖିଥିଲେ । ଖବର କାଗଜ ସମାଜର ଜାଗ୍ରତ ପ୍ରହରି ଓ ସମାଜର ମୁଖ୍ୟସ୍ରୋତରୁ ବିଚ୍ୟୁତ ବା ପଥଭ୍ରଷ୍ଟ ହେଉଥିବା ସବୁ ବର୍ଗର ଲୋକଙ୍କ ପାଇଁ କିପରି ସକାରାତ୍ମକ ଖବର ପ୍ରକାଶନ କରି ସମାଜକୁ ସୁଧାରିପାରିବ ସେ ଦିଗରେ ମତ ରଖିଥିଲେ। ସେହିପରି ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ସ୍ୱାଧୀନତା ସମୟରେ କଳିଙ୍ଗର ବିଜୟ ଗାଥା, ତ୍ୟାଗ, ଧର୍ମପଦଙ୍କ ଭୂମିକା, ବକ୍ସି ଜଗବନ୍ଧୁଙ୍କ ଲଢୁଆ ମନୋବୃତି, ପାଇକ ବିଦ୍ରୋହର ସ୍ମରଣୀୟ ମୁହୁର୍ତ୍ତର ଅବଲୋକନ କରିଥିଲେ । ସେହିପରି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ କରି ନିଜ ଅଭିଭାଷଣରେ କହିଥିଲେ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ। ଅନ୍ୟତମ ସମ୍ମାନୀତ ଅତିଥି ଶିକ୍ଷୋଦ୍ୟୋଗୀ ପୂର୍ଣ୍ଣିମା ବୈଦ ଭାରତର କଷ୍ଟଲବ୍ଧ ସ୍ୱାଧୀନତାକୁ ବୁଝି ନାଗରିକର କର୍ତ୍ତବ୍ୟ ସଠିକ ଭାବେ ନିର୍ବାହ କରିବାକୁ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସମୟ ଲାଇଭ୍‌ର ୨୭ ଜଣ ବଛା ବଛା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭ ପ୍ରସ୍ତାବକୁ କ୍ୟାବିନେଟ୍...

ହେବ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଓଡ଼ିଶାକୁ ପୂର୍ବ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର କରିବା ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ (ଏମଆରଓ) କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହା ପୂର୍ବ ଭାରତର ପ୍ରଥମ ବଡ଼ ଏମଆରଓ କେନ୍ଦ୍ର ହେବ। ଏହି ପ୍ରକଳ୍ପ ସରକାରଙ୍କ ବି-ମାନ (ବିଲଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ ଏଭିଏସନ ଆସେଟ୍ସ ଆଣ୍ଡ ନେଟୱାର୍କ) ଯୋଜନାର ଅଂଶବିଶେଷ। ଘରୋଇ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଇଣ୍ଡଷ୍ଟ୍ରିଆଲ ପଲିସି ରେଜୋଲ୍ୟୁସନ (ଆଇପିଆର) ୨୦୨୨ ଅନୁସାରେ ଏକ ସ୍ୱତନ୍ତ୍ର ପ୍ୟାକେଜ ଅଫର କରାଯାଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କର୍ସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡ୍‌କୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ବିଶ୍ୱ ଏମଆରଓ ବଜାର ୨୦୩୧ ସୁଦ୍ଧା ୧୧୭ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଆଉ ଭାରତର ଏମଆରଓ ଶିଳ୍ପ ସେହି ସମୟ ସୁଦ୍ଧା ୪ ବିଲିୟନ ଡଲାରରେ ପହଞ୍ଚିବ।

ମୁଖ୍ୟ ଶାସନ ସଚିବ କହିଥିଲେ ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି। ୩୮୨.୪୦ କୋଟି ଟଙ୍କା (ଜିଏସ୍‌ଟି ବ୍ୟତୀତ) ବ୍ୟୟରେ ଏହି ପ୍ରକଳ୍ପ 'ମେସର୍ସ ଇଗଲ ଇନ୍‌ଫ୍ରା ଇଣ୍ଡିଆ ଲିମିଟେଡ୍' ଦ୍ୱାରା କାର୍ଯ୍ୟକାରୀ ହେବ। ଏଥିରେ ୧୧୦ ଏମଏଲଡି କ୍ଷମତାର ଏକ ଜଳ ଗ୍ରହଣ କୂଅ ଓ ୬୫ ଏମଏଲଡି ଏବଂ ୩୫ ଏମଏଲଡି କ୍ଷମତାର ଦୁଇଟି ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହେବ। ଏହି କାମ ୧ ସେପ୍ଟେମ୍ବର ୨୦୨୫ରୁ ଆରମ୍ଭ ହୋଇ ୩୧ ଅଗଷ୍ଟ ୨୦୨୭ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରହିଛି। ସେହିପରି ରାଜ୍ୟର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ନିକାୟରେ ଏଲଇଡି ରାସ୍ତା ଆଲୋକ ପ୍ରକଳ୍ପ ପାଇଁ ଓଡ଼ିଶା ନଗର ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଓୟୁଆଇଡିଏଫ)ରୁ ୨୦୦ କୋଟି ଟଙ୍କା ବ୍ୟୟ ପାଇଁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ମୋଟ ୩୫୦.୦୪ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ, ଯାହାର କାମ ଆରମ୍ଭ ପାଇଁ ୬ଟି ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି।

'ଓଡ଼ିଶା ମିନିଷ୍ଟ୍ରିଆଲ ସର୍ଭିସେସ (କମର୍ସିଆଲ ଟ୍ୟାକ୍ସେସ ଆଣ୍ଡ ଜିଏସ୍‌ଟି ରେଞ୍ଜ ଆଣ୍ଡ ସବ-ଅର୍ଡିନେଟ ଅଫିସେସ) ରୁଲ୍ସ, ୨୦୨୫'କୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସ୍‌ଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦% ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦% ଗ୍ରୁପ-ଡି କର୍ମଚାରୀଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ ହେବ।

କ୍ୟାବିନେଟରେ 'ଓଡ଼ିଶା ନର୍ସିଂ ଏଡୁକେସନ ସର୍ଭିସ (ମେଥଡ୍ ଅଫ ରିକ୍ରୁଟମେଣ୍ଟ ଆଣ୍ଡ କଣ୍ଡିସନସ ଅଫ ସର୍ଭିସ) ରୁଲ୍ସ, ୨୦୨୫' ଅନୁମୋଦିତ ହୋଇଛି। ଏହା ନର୍ସିଂ ଶିକ୍ଷାକୁ ମଜବୁତ କରିବା ପାଇଁ ଟ୍ୟୁଟର ନିଯୁକ୍ତି ଓ ଯୋଗ୍ୟ ଅଧ୍ୟାପକମାନଙ୍କୁ ପଦୋନ୍ନତି ପାଇଁ ସ୍ପଷ୍ଟ ନିୟମ ପ୍ରଦାନ କରିବ। ସେହିପରି ରାଜ୍ୟ ସଂଗ୍ରହାଳୟଗୁଡ଼ିକର ପରିଚାଳନା ଓ ସମନ୍ୱୟ ପାଇଁ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଗଠନ ପରେ 'ଓଡ଼ିଶା ମ୍ୟୁଜିୟମ କ୍ୟୁରେଟୋରିଆଲ ସର୍ଭିସେସ ରୁଲ' ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଛି। ଏହା ରାଜ୍ୟର ସଂଗ୍ରହାଳୟଗୁଡ଼ିକରେ ସୁପରିଚାଳନା ଆଣିବ।

### 'ହରିଜନ' ବଦଳରେ...

ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଯୋଗାଯୋଗରୁ ହଟିବ ହରିଜନ ଶବ୍ଦ। ଜାତି ପ୍ରମାଣପତ୍ର ଏବଂ ଅନୁସୂଚିତ ଜାତି ସମ୍ପର୍କରେ ହରିଜନ ଶବ୍ଦ ବ୍ୟବହାର ନକରିବା ପାଇଁ ଜାରି ହୋଇଛି ନିର୍ଦ୍ଦେଶାବଳୀ। ହରିଜନ ଶବ୍ଦ କୌଣସି ସରକାରୀ ଯୋଗାଯୋଗ, ରେକର୍ଡ, କାରବାର, ଜାତି ପ୍ରମାଣପତ୍ର, ପ୍ରକାଶନ, ବିଭାଗୀୟ ନାଁ କିମ୍ବା ଅନ୍ୟ କୌଣସି ସ୍ଥାନରେ ବ୍ୟବହୃତ ହେବ ନାହିଁ। ଭାରତୀୟ ସମ୍ବିଧାନର ଧାରା ୩୪୧ ଅନୁଯାୟୀ, ଅଧିସୂଚିତ ଅନୁସୂଚିତ ଜାତିର ବ୍ୟକ୍ତିମାନଙ୍କୁ ସୂଚିତ କରିବା ପାଇଁ କେବଳ ସାମ୍ବିଧାନିକ ଶବ୍ଦ ଅନୁସୂଚିତ ଜାତି ଇଂରାଜୀରେ ଏବଂ ଏହାର ଉପଯୁକ୍ତ ଅନୁବାଦ ଓଡ଼ିଆରେ କିମ୍ବା ଅନ୍ୟାନ୍ୟ ଜାତୀୟ ଭାଷାରେ ବ୍ୟବହୃତ ହେବ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶ କଡାକଡ଼ି ପାଳନ ହେବ।

### ଭାରତରେ ଖୁବ୍‌ଶୀଘ୍ର ଗଡ଼ିବ...

କରିପାରିବେ। ୮ କୋଚ୍ ବିଶିଷ୍ଟ ଏହି ଟ୍ରେନ୍ ଏପରି ଏକ ଟ୍ରେନ୍ ଯାହା ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ହେବ।

### ସଡ଼କ ଦୁର୍ଘଟଣାରେ...

ଖାଟୁଶ୍ୟାମ ଏବଂ ସାଲାସର ଦର୍ଶନ ପରେ ଉତ୍ତର ପ୍ରଦେଶରେ ଥିବା ନିଜ ଘରକୁ ଯାଉଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ କଣ୍ଟେନରଟି ପିକଅପ୍‌କୁ ପଛରୁ ଧକ୍କା ଦେଇଥିଲା। ପିକଅପ୍‌ରେ ୨୨ ରୁ ଅଧିକ ଭକ୍ତ ଥିଲେ। ସେମାନଙ୍କ ମଧ୍ୟରୁ ଦଶ ଜଣଙ୍କର ମୃତ୍ୟୁ ଦୌସାରେ ହୋଇଥିଲା। ଏହି ସମୟରେ, ଜଣେ ଗୁରୁତର ଆହତଙ୍କୁ ଜୟପୁରର ଏସଏମଏସ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ସାତ ଜଣ ଶିଶୁ ଏବଂ ଚାରି ଜଣ ମହିଳାଙ୍କ ମୃତ୍ୟୁ ହୋଇଛି।

### ଆମେରିକା ସହ ଟାରିଫ ଯୁଦ୍ଧ..

ଦେଇଥିଲେ। ଏବେ ଜୟଶଙ୍କର ରୁଷ୍ ଯାଇ ବୈଦେଶିକ ମନ୍ତ୍ରୀ ଲାଭରୋଭଙ୍କ ସହ ବୈଠକ କରିବେ। ଏହି ସମୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଠାରୁ ଆରମ୍ଭ କରି ଆମେରିକାର ଟାରିଫକୁ କେମିତି କାଉଣ୍ଟର କରାଯିବ, ସେ ବିଷୟରେ ମଧ୍ୟ ଦୁଇ ନେତା କଥା ହେବେ ବୋଲି ଜଣାପଡ଼ିଛି।

### କାମରେ ଅବହେଳା ହେଲେ...

ସବୁ ଜିଲ୍ଲାପାଳଙ୍କୁ ଅତିରିକ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଚିଠି। ପ୍ରତିବାଦରେ ବସିଥିବା ଅମଲା କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ବିନା ପୂର୍ବ ସୂଚନା ଅନୁଯାୟୀ କାହିଁକି ଏଭଳି କଲେ କାରଣ ଦର୍ଶାଅ ନୋଟିସ ଜାରି ହେବ। କାର୍ଯ୍ୟ ବନ୍ଦ ପ୍ରତିବାଦ ଯୋଗୁଁ ସାଧାରଣ ଲୋକଙ୍କ ସମସ୍ୟା ହେଉଛି। କାମବନ୍ଦ ଆନ୍ଦୋଳନ ଯୋଗୁ ଉପସ୍ଥାନରେ ଏହାକୁ ଅନୁପସ୍ଥିତ ଦର୍ଶାଯିବ ବୋଲି କୁହାଯାଇଛି।

### ଏମ୍.ଏଲ.ଏ ଲ୍ୟାଡ୍ ୱେବ୍...

ମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନ ମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ। ଏହା ସହିତ ବିଧାନସଭା ଅଞ୍ଚଳର ଜନସାଧାରଣ ମଧ୍ୟ ସେମାନଙ୍କ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ପ୍ରକଳ୍ପଗୁଡିକର ତଥ୍ୟ ଏହି ପୋର୍ଟାଲ ଜରିଆରେ ଅବଗତ ହୋଇପାରିବେ।

ସୂଚନା ଯୋଗ୍ୟ ଯେ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନା ୧୯୯୭-୯୮ରୁ ଆରମ୍ଭ ହୋଇ ଜନସାଧାରଣଙ୍କ ଛୋଟ ଛୋଟ କିନ୍ତୁ ନିତ୍ୟାନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଗଠନ କରିବାରେ ଏକ ମଜଭୁତ୍ ମାଧ୍ୟମ ହୋଇପାରିଛି। ପର୍ଯ୍ୟାୟକ୍ରମେ, ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ଏହି ଅନୁଦାନ ୫ ଲକ୍ଷରୁ ୩ କୋଟି ଟଙ୍କାକୁ ବୃଦ୍ଧି ପାଇ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରତ୍ୟେକ ବିଧାନସଭା କ୍ଷେତ୍ର ପାଇଁ ୫ କୋଟି ଟଙ୍କା ହିସାବରେ ବ୍ୟୟ ବରାଦ କରାଯାଇଛି। ଏହି ନୂତନ ଗାଇଡ୍‌ଲାଇନ୍ ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବିଧାନସଭା କମିଟି ସଦସ୍ୟ ଓ ବିଧାୟକମାନଙ୍କ ପରାମର୍ଶ ନିଆଯାଇଛି, ପଡ଼ୋଶୀ ରାଜ୍ୟ ଗୁଡିକର 'ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ନିର୍ଦ୍ଦେଶାବଳୀ'ର ଅଧ୍ୟୟନ କରାଯାଇଛି ଏବଂ କ୍ଷେତ୍ରସ୍ତରରେ ଉପୁଜୁଥିବା ସମସ୍ୟାଗୁଡିକର ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

ଏହି ପ୍ରକ୍ରିୟାରେ ସଂଶ୍ଳିଷ୍ଟ ସମସ୍ତ ମନ୍ତ୍ରୀ, ବିଧାୟକ ଏବଂ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଏହି ନୂତନ ସରଳୀକୃତ ଗାଇଡ୍ ଲାଇନ୍ ଓ ୱେବ୍ ପୋର୍ଟାଲ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

### ଆଉ ୩ ଦିନ ପ୍ରବଳ...

କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଆଦି ଜିଲ୍ଲାରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମଧରଣ ବର୍ଷା ହୋଇପାରେ। ଏହି ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କୋରାପୁଟ ଓ ମାଲକାନଗିରିରେ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ବଲାଙ୍ଗୀର ଓ ନୂଆପଡ଼ାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି। ଅନ୍ୟାନ୍ୟ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ଭୟ ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

### ପ୍ରଥମ ଥର ଟ୍ରମ୍ପଙ୍କ ଟାରିଫ୍...

ସାର୍ବଜନୀନ ବିବୃତ୍ତି ଦେବାକୁ ଏଡ଼ାଇ ଯାଉଛି। ଭାରତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲା। ଆମେରିକା ସହିତ ବାଣିଜ୍ୟ ଚୁକ୍ତି ଉପରେ ଗମ୍ଭୀର ଆଲୋଚନା ହୋଇଥିଲା, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଆମେରିକା ପାଇଁ ଦୁଗ୍ଧ ଏବଂ କୃଷି କ୍ଷେତ୍ର ଖୋଲିବା ଦାବି ଉପରେ ଆଲୋଚନା ଭାଙ୍ଗିଗଲା। ଭାରତ ସ୍ପଷ୍ଟ କରିଛି ଯେ ଏହା କୌଣସି ମୂଲ୍ୟରେ ଏହି କ୍ଷେତ୍ର ଖୋଲିପାରିବ ନାହିଁ। ଭାରତର ପ୍ରାୟ ୬୦ ପ୍ରତିଶତ ଜନସଂଖ୍ୟା ଏହି କ୍ଷେତ୍ର ଉପରେ ନିର୍ଭରଶୀଳ। ଯଦି ଏହି କ୍ଷେତ୍ରକୁ ଆମେରିକା ପାଇଁ ଖୋଲାଯାଏ, ତେବେ ଏହି କ୍ଷେତ୍ରରେ ଚାଷୀ, ମତ୍ସ୍ୟଜୀବୀ ଏବଂ ପଶୁପାଳନ ଚାଷୀମାନଙ୍କର ସ୍ୱାର୍ଥ ଗୁରୁତର ଭାବରେ ପ୍ରଭାବିତ ହେବ। ସବୁଜ ବିପ୍ଳବର ଜନକ ଏମଏସ ସ୍ୱାମୀନାଥନଙ୍କ ଶତବାର୍ଷିକୀ ଜନ୍ମବାର୍ଷିକୀରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆମ ପାଇଁ ଆମ ଚାଷୀଙ୍କ ସ୍ୱାର୍ଥ ସର୍ବୋପରି। ଭାରତ କେବେବି ଏହାର ଚାଷୀ, ମତ୍ସ୍ୟଜୀବୀ ଏବଂ ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥ ସହିତ ସାଲିସ କରିବ ନାହିଁ। ମୁଁ ବ୍ୟକ୍ତିଗତ ଭାବରେ ଜାଣେ ଯେ ଏଥିପାଇଁ ମୋତେ ବହୁତ ମୂଲ୍ୟ ଦେବାକୁ ପଡ଼ିବ। କିନ୍ତୁ ମୁଁ ଏଥିପାଇଁ ପ୍ରସ୍ତୁତ। ଆଜି ଭାରତ ଏହାର ଚାଷୀ, ମତ୍ସ୍ୟଜୀବୀ ଏବଂ ଦୁଗ୍ଧ ଚାଷୀଙ୍କ ପାଇଁ ପ୍ରସ୍ତୁତ।

### ଏୟାର ଇଣ୍ଡିଆର ବିମାନରେ...

୮.୩୦ ବେଳେ ପହଞ୍ଚିବାକୁ ଥିବା ବେଳେ ୯.୩୦ ମିନିଟ ସମୟରେ ଭୁଜରେ ପହଞ୍ଚିଥିଲା। ଏହି ବିମାନଟିକୁ ପୁନଃ ମୁମ୍ବାଇକୁ ଫେରିବାର ଥିଲା, ତେଣୁ ଏହି ବିମାନ ପାଇଁ ଅପେକ୍ଷା କରୁଥିବା ୧୮୨ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ୨୦ ଯାଏଁ ଚାଷୀ ...

ଚନ୍ଦ୍ର ପାତ୍ର ନିଜ ସରକାରୀ ବାସଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଲାଇଫ୍ ପକ୍ଷରୁ 'ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ସିଲ୍ଡ ପ୍ଲସ୍'ର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଭାରତର ଅନ୍ୟତମ ସବୁଠୁ ବିଶ୍ୱାସଯୋଗ୍ୟ ଘରୋଇ ଜୀବନ ବୀମା କମ୍ପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏହାର ସଦ୍ୟତମ ସୁରକ୍ଷା ଉତ୍ପାଦ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ସିଲ୍ଡ ପ୍ଲ' ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ବ୍ୟକ୍ତିଗତ, ଅଣ ଲିଙ୍କ୍‌ଡ, ଅଣ ପାର୍ଟିସିପେଟିଂ ରିସ୍କ ଜୀବନ ବୀମା ଉତ୍ପାଦ ଯାହାକି ଆଜିର ଗ୍ରାହକମାନଙ୍କ ସୁରକ୍ଷା ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ କରାଯାଇଛି। ଏସବିଆଇ ଲାଇଫ୍-ସ୍ମାର୍ଟ ସିଲ୍ଡ ପ୍ଲ ହେଉଛି ଏକ ନମନୀୟ ଓ ବ୍ୟାପକ ମିଆଦୀ ବୀମା ଯୋଜନା ଯାହା ଲୋକଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟର ବର୍ଦ୍ଧିତ ଦାୟିତ୍ୱ ପୂରଣ କରିବାରେ ସହଜରେ ଯୋଡ଼ି ହୋଇପାରିବ। 'ଏସବିଆଇ ଲାଇଫ-ସ୍ମାର୍ଟ ସିଲ୍ଡ ପ୍ଲସ୍ ପ୍ଲାନ୍'କୁ ବହୁତ ବିଚାର କରି ପ୍ରସ୍ତୁତ କରାଯାଇଛି ଯାହା ଦୀର୍ଘକାଳୀନ ସୁରକ୍ଷା ଯୋଜନାକୁ ଅର୍ଥପୂର୍ଣ୍ଣ କରିପାରିବ। ଏଥିରେ ଲେବଲ୍ କଭର, ଇନକ୍ରିଜିଂ କଭର ଓ ଫ୍ୟୁଚର୍ ପ୍ରୁଫ୍ ବେନିଫିଟ୍ ସହ ଲେବଲ୍ କଭର୍ ଭଳି ତିନି ପ୍ରକାର ବିକଳ୍ପ ରହିଛି ଯାହା ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ଓ ବ୍ୟକ୍ତିଗତ ଯାତ୍ରାରେ ଜୀବନ ବୀମା ସୁରକ୍ଷାକୁ ସମନ୍ୱିତ କରିବାରେ ସକ୍ଷମ କରିବ। ଇନକ୍ରିଜିଂ କଭର ବେନିଫିଟ୍‌ରେ ବାର୍ଷିକ ବୀମା ରାଶି ୫% ବଢ଼ି ସର୍ବାଧିକ ୨୦୦% ପର୍ଯ୍ୟନ୍ତ ବଢ଼ିପାରିବ। ଲେବଲ୍ ସହିତ ଫ୍ୟୁଚର୍ ପ୍ରୁଫିଂ ବେନିଫିଟ୍ ବିକଳ୍ପରେ ପଲିସିଧାରକ ସେମାନଙ୍କ ବୀମା ରାଶିକୁ ବିବାହ, ପିଲା ଜନ୍ମ କିମ୍ବା ଘର କଣିବା ଆଦି ଘଟଣାରେ ବଢ଼ାଇପାରିବେ। ଏହି ଉତ୍ପାଦରେ ମୃତ୍ୟୁକାଳୀନ ସୁବିଧା ପେମେଂଟ୍ ପ୍ରଦାନ ବିକଳ୍ପ ରହିଛି ଯାହାକୁ ଏକକାଳୀନ କିମ୍ବା କିସ୍ତିରେ ଦିଆଯାଇପାରିବ। ଏଥିରେ ବେଟର ହାଫ୍ ବେନିଫିଟ୍ ବି ରହିଛି ଯାହା ଦମ୍ପତିଙ୍କ ମଧ୍ୟରୁ ବଂଚି ରହିଥିବା ପକ୍ଷଙ୍କୁ ଅତିରିକ୍ତ ବୀମା ରାଶି ଭାବେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କିମ୍ବା ବୀମା ଧାରକ ଚୟନ କରିଥିବା ବୀମା ରାଶିର ୫୦% ମିଳିପାରିବ ଯାହା ଫଳରେ ଜଣକ ମୃତ୍ୟୁ ପରେ ଅନ୍ୟ ଜଣକ ଆର୍ଥିକ ସୁରକ୍ଷା ନିଶ୍ଚିତ ହୋଇପାରିବ। ମୃତ୍ୟୁକାଳୀନ ଲାଭରେ ତାଙ୍କୁ ୬୦ ବର୍ଷ ହେବା ପର୍ଯ୍ୟନ୍ତ ଆଉ ପ୍ରିମିୟମ୍ ଦେବାକୁ ପଡ଼ିବ ନାହିଁ। ଏହି ଉତ୍ପାଦରେ ଦୁର୍ଘଟଣା ଜନିତ ସୁବିଧା ରାଇଡର୍ ରହିଛି। ଏ ସମ୍ପର୍କରେ ଏସବିଆଇ ଲାଇଫ ଇନ୍‌ସ୍ୟୁରାନ୍ସର ସଭାପତି ଓ ଚିଫ୍ ଡିଷ୍ଟ୍ରିବ୍ୟୁସନ୍ ଅଫିସର ଏମ୍ ଆନନ୍ଦ କହିଛନ୍ତି ଯେ, 'ଆର୍ଥିକ ଯୋଜନା ଓ ସୁରକ୍ଷାକୁ ନେଇ ବଢୁଥିବା ସଚେତନତା ପାଇଁ ଆମ ଦେଶରେ ଉଲ୍ଲେଖନୀୟ ଅର୍ଥନୈତିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଲୋକମାନଙ୍କ ବ୍ୟକ୍ତିଗତ ଦାୟିତ୍ୱ ବଢୁଥିବା ବେଳେ ସେମାନେ ଏଭଳି ବୀମା ସମାଧାନ ଚାହୁଛନ୍ତି ଯାହା ଉଭୟ ବ୍ୟାପକ ଓ ଗ୍ରହଣୀୟ ହୋଇଥିବ। ତାହାକୁ ନଜରରେ ରଖଇ ଏସବିଆଇ ଲାଇଫ-ସ୍ମାର୍ଟ ସିଲ୍ଡ ପ୍ଲସ୍‌କୁ ଚିନ୍ତାଶୀଳ ଭାବେ ସେହି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଛି। ମାଇଲଖୁଣ୍ଟ ଆଧାରିତ ଉନ୍ନତି ଓ ଜୀବନର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଲାଗି ସୁବିଧା ପ୍ରଦାନ କରି ଏହା ପାରମ୍ପରିକ ବୀମା ଉତ୍ପାଦଠାରୁ ଭିନ୍ନ ହୋଇଥିବା ବେଳେ ଲୋକମାନଙ୍କୁ ପ୍ରତ୍ୟକ୍ଷ, ସୂଚନା ଆଧାରିତ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ପ୍ରଦାନ କରିବାରେ ସଶକ୍ତ କରିବ। ଏସବିଆଇ ଲାଇଫରେ ଆମେ ଲୋକମାନଙ୍କୁ ସ୍ୱାଧୀନତା ଦେବାକୁ ଚାହୁଛୁ ଯାହାକୁ ସେ ପ୍ରକୃତରେ ଗୁରୁତ୍ୱ ଦିଅନ୍ତି। ତାହା ହେଉଛି ସେମାନଙ୍କ ଅଭିଳାଷ ଓ ସେମାନଙ୍କ ପରିବାର ଏବଂ ତାଙ୍କୁ ସେହି ବିଶ୍ୱାସ ଦେବାକୁ ଚାହୁଛୁ ଯେ ସେମାନଙ୍କ ଆର୍ଥିକ ସୁରକ୍ଷାର ଦେଖାଶୁଣା କରାଯିବ। ଏହି ଉତ୍ପାଦ ଜରିଆରେ ଆମେ କେବଳ ସୁରକ୍ଷା ନୁହେଁ ବରଂ ଗ୍ରାହକଙ୍କ ଆର୍ଥିକ ଯାତ୍ରାକୁ ସକ୍ଷମ କରି ସେମାନଙ୍କୁ ଆଜି ମୁକ୍ତ ଭାବେ ଜୀବନ ଅତିବାହିତ କରି ଆସନ୍ତାକାଲି ପାଇଁ ପ୍ରସ୍ତୁତ ରହିବାରେ ସହାୟକ ହେଉଛୁ।' ଏହି ଉତ୍ପାଦ ଉଭୟ ପ୍ରତ୍ୟକ୍ଷ ଓ ଡିଜିଟାଲ୍ ମାଧ୍ୟମରେ ଉପଲବ୍ଧ।

# ପୁରୀରୁ ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ପୁରୀ-ଲାଲଗଡ଼ ଏକ୍ସପ୍ରେସର ସମ୍ପ୍ରସାରଣର ଶୁଭାରମ୍ଭ



**ପୁରୀ, ନ୍ୟୁଜ ବ୍ୟୁରୋ**

ଆନ୍ତଃରାଜ୍ୟ ସଂଯୋଗ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ଟ୍ରେନ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ରାଜସ୍ଥାନର ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛି, ଯାହା ୧୩ ଅଗଷ୍ଟ ୨୦୨୫ ଠାରୁ କାର୍ଯ୍ୟକାରୀ ହୋଇଅଛି । ପୁରୀର ମାନନୀୟ ଲୋକସଭା ସାଂସଦ ଶ୍ରୀ ସମ୍ବିତ ପତ୍ର ଓ ରାଜ୍ୟସଭା ସାଂସଦ ଶ୍ରୀ ଶୁଭାଶିଷ ଖୁଣ୍ଟିଆଙ୍କ ଦ୍ୱାରା ମାନନୀୟ ବିଧାୟକ ଶ୍ରୀ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଆଜି ସକାଳ ୦୬ ଘ :୩୫ ମି.ରେ ପୁରୀ ରେଳ ଷ୍ଟେସନରୁ ଉଦଘାଟନୀ ପରିବର୍ଦ୍ଧିତ ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ଏହି ଅବସରରେ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ରଣନୈତିକ ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର ମରୁଭୂମି ନିକଟରେ ଥିବା ଶ୍ରୀ ଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନରେ ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଅଛି । ଏହି ଟ୍ରେନ୍ ଏବେ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ତୀର୍ଥଯାତ୍ରୀ, ଛାତ୍ର, ବ୍ୟବସାୟୀ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ଏକ ସୁଲଭ ଏବଂ ସିଧାସଳଖ ସାପ୍ତାହିକ ଗମନାଗମନ ସେବା ପ୍ରଦାନ କରୁଛି । ଏହି ଟ୍ରେନ ପାଇଁ ଥିବା ସମୟସୂଚୀ ଅନୁଯାୟୀ ପୁରୀ ଏବଂ ଲାଲଗଡ଼ ମଧ୍ୟରେ ଟ୍ରେନ୍ ର ପୂର୍ବ ସମୟ ଉଭୟ ପାର୍ଶ୍ୱରୁ ଅପରିବର୍ତ୍ତିତ ରହିଛି । ଲାଲଗଡ଼ ପରେ ଏହି ଟ୍ରେନ ଲୁଙ୍କାରଣସର, ସୁରତଗଡ଼, ରାୟ ସିଂହ ନଗର ଏବଂ ଶ୍ରୀ କରଣପୁରରେ ରହଣି ପ୍ରଦାନ କରି ରାତ୍ରି ୦୨ ଘ.୦୫ ମି.ରେ ଶ୍ରୀ ଗଙ୍ଗାନଗରରେ ପହଞ୍ଚିବ । ଫେରିବା ସମୟରେ ଏହି ଟ୍ରେନ ଶ୍ରୀ ଗଙ୍ଗାନଗରରୁ ଅପରାହ୍ନ ୦୨ ଘ.୧୦ମି.ରେ ଛାଡି ଲାଲଗଡ଼ରେ ସନ୍ଧ୍ୟା ୦୬ ଘ. ୩୦ ମି.ରେ ପହଞ୍ଚିବ ଏବଂ ସନ୍ଧ୍ୟା ୦୬ ଘ. ୩୨ ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବ । ଏହି ସମ୍ପ୍ରସାରଣ ଜନସାଧାରଣଙ୍କ ଦୀର୍ଘକାଳୀନ ଦାବିକୁ ପୂରଣ କରିବା ସହ ଭାରତ ସରକାରଙ୍କ ଅନ୍ତର୍ଭୁକ୍ତ ବିକାଶ ଏବଂ ଶେଷ ମାଇଲ ସଂଯୋଗୀକରଣ ଦୃଷ୍ଟିକୋଣ ସହିତ ସମନ୍ୱିତ ରକ୍ଷାକରୁଅଛି । ଏହା ମଧ୍ୟ ପର୍ଯ୍ୟଟନ (ମହୋଦଧି ସ୍ଥିତ ଜଗନ୍ନାଥ ଧାମକୁ ମରୁଭୂମି ପର୍ଯ୍ୟଟନ କେନ୍ଦ୍ର ସହିତ ସଂଯୋଗ କରିବ), ବାଣିଜ୍ୟ (କୃଷି ଉତ୍ପାଦ ଏବଂ ହସ୍ତଶିଳ୍ପ ଭଳି ସାମଗ୍ରୀର ପରିବହନକୁ ସହଜ କରିବି), ଏବଂ ନିଯୁକ୍ତି (ଆତିଥ୍ୟ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ସୁଯୋଗ ବୃଦ୍ଧି) କୁ ଲାଭଦାୟକ କରିବ ବୋଲି ଆଶା କରାଯାଉଛି । ସାଂସ୍କୃତିକ ଦୃଷ୍ଟିରୁ ଏହା ଓଡ଼ିଶା ଏବଂ ରାଜସ୍ଥାନର ପରମ୍ପରାକୁ ଏକାଠି କରି ତୀର୍ଥଯାତ୍ରା ଏବଂ ଐତିହ୍ୟ ପର୍ଯ୍ୟଟନକୁ ଅଧିକ ସୁଗମ କରିବ ଏବଂ 'ବିବିଧତାରେ ଏକତା' ଭାବନାକୁ ଦୃଢ଼ କରିପାରିବ । ଭାରତୀୟ ରେଳ ଏକ ଉତ୍ତମ ସଂଯୁକ୍ତ ଭାରତ ନିର୍ମାଣ ପାଇଁ ପ୍ରତିବଦ୍ଧ - ଯେଉଁଠାରେ ରେଳ ଭିତ୍ତିଭୂମି ଅଞ୍ଚଳ ସଂସ୍କୃତି ଏବଂ ଐତିହ୍ୟ ଗୁଡ଼ିକୁ ସଂଯୋଗ କରିଥାଏ।

## ଐତିହାସିକ ଉପଲବ୍ଧି : ପୂର୍ବତଟ ରେଳପଥର ରେକର୍ଡ ସମୟରେ ୧୦୦ ଏମ୍‌ଟି ମାଲ ପରିବହନ

# ମାତ୍ର ୧୩୪ ଦିନରେ ଏହା ହାସଲ କରିଥିବା ପ୍ରଥମ ରେଳବାଇ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍ ଭାବରେ ଇତିହାସରେ ନିଜର ନାମ ଲିପିବଦ୍ଧ କରିଛି, ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ (ଏମ୍‌ଟି) ମାଲ ପରିବହନ ରେକର୍ଡ ହାସଲ କରିଛି, ଯାହା ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଗତ ବର୍ଷ ତୁଳନାରେ ୧୦.୭% ବୃଦ୍ଧି ଅଟେ । ଏହି ମାଇଲଖୁଣ୍ଟ ୨୦୨୪-୨୫ରେ ହାସଲ ହୋଇଥିବା ୧୪୮ ଦିନର ପୂର୍ବ ରେକର୍ଡ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ପୂର୍ବତଟ ରେଳପଥ ମଙ୍ଗଳବାର ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଗତ ବର୍ଷର ସଫଳତା ତୁଳନାରେ ୧୪ ଦିନ ଆଗୁଆ ଭାବରେ ହାସଲ କରିଛି ଯାହା ଏହାର ନିରନ୍ତର ଅଭିବୃଦ୍ଧି ପଥ ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତାକୁ ପ୍ରତିଫଳିତ କରୁଛି । ମାଲ ପରିବହନରେ ପୂର୍ବତଟ ରେଳପଥର ଏହି ଉଲ୍ଲେଖନୀୟ ସଫଳତାରେ କୋଇଲା, ଲୁହାପଥର ଏବଂ ସିମେଣ୍ଟ ସାମଗ୍ରୀ ପ୍ରମୁଖ ଅବଦାନକାରୀ। ପୂର୍ବତଟ ରେଳପଥ ଚଳିତ ବର୍ଷ ୫୭.୭୩୪ ନିୟୁତ ଟନ୍ କୋଇଲା ଲୋଡ୍ କରିଛି ଯାହାକି ଗତ ବର୍ଷର ସମାନ ସମୟରେ ୫୫.୧୭ ନିୟୁତ ଟନ୍ ତୁଳନାରେ ୪.୬% ଅଧିକ ଅଟେ । ସେହିପରି, ଏହା ୨୫.୯୮୪ ନିୟୁତ ଟନ୍ ଲୁହାପଥର ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ସମୟରେ ୨୧.୭୫୮ ନିୟୁତ ଟନ୍ ଥିଲା ଯାହା ୧୯.୪% ବୃଦ୍ଧିକୁ ପ୍ରତିଫଳିତ କରୁଛି । ସେହିପରି, ୦.୪୦୯ ନିୟୁତ ଟନ୍ ସିମେଣ୍ଟ ଲୋଡ୍ ହୋଇଛି ଯାହା ଗତ ବର୍ଷ ସମାନ ସମୟରେ ୦.୩୦୮ ନିୟୁତ ଟନ୍ ତୁଳନାରେ ୩୨.୮% ପ୍ରଶଂସନୀୟ ବୃଦ୍ଧି ଅଟେ । ଏହା ଚଳିତ ବର୍ଷ ୧.୧୭୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଲୋଡ୍ କରିଛି ଯାହା ଗତ ବର୍ଷ ସମାନ ଅବଧିରେ ୦.୯୯ ନିୟୁତ ଟନ୍ ଥିଲା ଯାହା ୧୮.୩% ବୃଦ୍ଧି ଅଟେ ଏବଂ ଗତ ବର୍ଷର ୨.୦୫୩ ନିୟୁତ ଟନ୍ ସାର ଲୋଡ୍ ତୁଳନାରେ ଚଳିତ ବର୍ଷ ୨.୮୫୮ ନିୟୁତ ଟନ୍ ସାର ଲୋଡ୍ କରିଛି ଯାହା ୩୯.୨% ବୃଦ୍ଧିର ଏକ ଉଲ୍ଲେଖନୀୟ ଅଭିବୃଦ୍ଧି। ଏହି ମାଇଲଖୁଣ୍ଟ ପୂର୍ବତଟ ରେଳପଥର ରଣନୈତିକ ଯୋଜନା, ମାଲ ପରିବହନ କାର୍ଯ୍ୟର ଦକ୍ଷ କାର୍ଯ୍ୟାନ୍ୱୟନ ଏବଂ ଗ୍ରାହକମାନଙ୍କ ସହିତ ପ୍ରଭାବଶାଳୀ ସମନ୍ୱୟର ଏକ ପ୍ରମାଣ। କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି ଉଚ୍ଚ-ଚାହିଦା କ୍ଷେତ୍ର ଉପରେ ଲକ୍ଷ୍ୟ ଭିତ୍ତିଭୂମି ଏବଂ ସମ୍ବଳର ସର୍ବୋତ୍ତମ ବ୍ୟବହାର ଏହି ସଫଳତାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି। ଏହି ସଫଳତା ସହିତ, ପୂର୍ବ ତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଭାବରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, ଦେଶର ଲଜିଷ୍ଟିକ୍ସ ନେଟୱାର୍କକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଭୁବନେଶ୍ୱର
୧୪ ଅଗଷ୍ଟ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସିସିଟିଭି ପ୍ରମାଣ ବ୍ୟବହାର କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଉଛି : ଏସ୍‌ପି

**ପୁରୀ,୧୩/୦୮ ନ୍ୟୁଜ ବ୍ୟୁରୋ**
କଡ଼ା ସୁରକ୍ଷା ବଳୟ ଭିତରେ ରହିଛି ଶ୍ରୀମନ୍ଦିର ପରିକ୍ରମା ମାର୍ଗ । ଏହା ଶ୍ରୀମନ୍ଦିର ସିକ୍ୟୁରିଟି ଜୋନ୍ ଭାବେ ସରକାର ପ୍ରଶାସନିକ ରେକର୍ଡ କରିଛନ୍ତି । ହେଲେ ଏହି ସୁରକ୍ଷା ଜୋନ୍ ଭିତରେ ଅସାମାଜିକ ଉତ୍ପାତ ବଢ଼ି ଚାଲିଛି । ପରିକ୍ରମା ମାର୍ଗ କାନ୍ଥରେ ଆତଙ୍କବାଦୀ ଆକ୍ରମଣ ନେଇ ଧମକପୂର୍ଣ୍ଣ ଲେଖା ଦେଖିବାକୁ ମିଳିଛି । ଯାହାକୁ ପଢ଼ିବା ପରେ ଶ୍ରଦ୍ଧାଳୁ ଛାନିଆ ହୋଇପଡ଼ିଛନ୍ତି। 'ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ' ବୋଲି ଦୁଇଟି ସ୍ଥାନରେ କଡ଼ା ଚେତାବନୀ ଦେଇ କେହି ଲେଖିଛି । ଏହା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ମଧ୍ୟ ଲେଖାଯାଇଛି । ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ପରିକ୍ରମା ମାର୍ଗରେ ଏହି ଧମକପୂର୍ଣ୍ଣ ଲେଖା ଦେଖିବାକୁ ମିଳିଛି । ବାଲିସାହି ପ୍ରବେଶ ପଥର ଠିକ୍ ଡାହାଣ ପଟେ ଥିବା ବୁଢ଼ି ମା' ଠାକୁରାଣୀଙ୍କ କାନ୍ଥରେ ଦୁଇଟି ସ୍ଥାନରେ କେହି ଅସାମାଜିକ ଏହି ଧମକପୂର୍ଣ୍ଣ ଲେଖା ଲେଖିଛି । ଗୋଟିଏ ପାର୍ଶ୍ୱରେ 'ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ' ସାଙ୍ଗକୁ ଏକାଧିକ ଫୋନ୍ ନମ୍ବର ଓ ଏହା ପାର୍ଶ୍ୱରେ ଫୋନ୍ କର, ନକଲେ ପୁରୀ ରହିବ, କୁଳ ବୁଡ଼ିବ, ଆତଙ୍କବାଦୀ ପ୍ରଭୃତି ଲେଖାଯାଇଛି । ସେହିପରି ଅନ୍ୟ ପାର୍ଶ୍ୱରେ ପୁଲିସ ନାଁ ସହ ମନ୍ଦିର ଭାଙ୍ଗିବେ ଆତଙ୍କବାଦୀ ବୋଲି ଲେଖା ଯାଇଛି । ଏଠାରେ ଲାଗିଥିବା ଏକାଧିକ ଡେକୋରେଟିଭ୍ ଲାଇଟ୍‌କୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି । ଏହି ସ୍ଥାନରେ ଏକାଧିକ ସିସିଟିଭି ଲାଗିଛି । ସିକ୍ୟୁରିଟି ଗାର୍ଡ ମଧ୍ୟ ମୁତୟନ ହୋଇଛନ୍ତି। ହେଲେ କିଏ ଆତଙ୍କବାଦୀଙ୍କ ନାମ ନେଇ ଏହି ଧମକପୂର୍ଣ୍ଣ ଲେଖା ଖଡ଼ିରେ ଲେଖିଛି ତାହାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ତାଜୁବ୍ । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ବାରମ୍ବାର ଗୃହ

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଢିଲା
## ପରିକ୍ରମା କାନ୍ଥରେ ଧମକପୂର୍ଣ୍ଣ ମେସେଜ୍

ମନ୍ତ୍ରଣାଳୟ ଓ ଏନ୍‌ଏସ୍‌ଜି ପକ୍ଷରୁ ପରାମର୍ଶ ଦିଆଯାଇଛି । ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଲାଗିଥିବା ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ହେଲାନି । କେବଳ ଲୋକ ଦେଖାଣିଆ ଭାବେ କୋଟି କୋଟି ଟଙ୍କା ଖର୍ଚ୍ଚରେ ଏହାକୁ ଲଗାଯାଇଛି । ଏନେଇ ସ୍ଥାନୀୟ ବାସିନ୍ଦା ତଥା ଶ୍ରୀମନ୍ଦିର ପୁରୋହିତ ବିଶ୍ୱଜିତ୍ ମହାପାତ୍ର କହିଛନ୍ତି, ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନି । ମା' ବୁଢ଼ୀ ଠାକୁରାଣୀ ମନ୍ଦିରର କାନ୍ଥରେ ଥିବା ଧମକପୂର୍ଣ୍ଣ ବାର୍ତ୍ତା ସୁରକ୍ଷା ଚିନ୍ତା ସୃଷ୍ଟି କରିଛି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି ଯାହା କିଛି ଠୋସ୍ ପ୍ରମାଣ ହାତକୁ ନେଇଥିବା ଜଣାପଡ଼ିଛି। ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି, 'ତାହାର ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ପରେ ସମସ୍ତ ବାର୍ତ୍ତା ସଫା କରାଯିବ। ସିସିଟିଭି ପ୍ରମାଣ ବ୍ୟବହାର କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଉଛି।' ପ୍ରମାଣ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ପରିକ୍ରମା ମାର୍ଗ କିମ୍ବା ଶ୍ରୀମନ୍ଦିରର ହେରିଟେଜ୍ କରିଡରରେ ଥିବା ମା'ବୁଢ଼ୀ ଠାକୁରାଣୀ ମନ୍ଦିର କାନ୍ଥରେ ଧମକପୂର୍ଣ୍ଣ ବାର୍ତ୍ତା ହାତଲେଖା କରାଯାଇଥିଲା। ରିପୋର୍ଟ ଅନୁସାରେ, ଆମ୍ବୁଲେଟୋରୀ ପାସେଜର କାନ୍ଥରେ ଦୁଇଟି ସ୍ଥାନରେ ଧମକପୂର୍ଣ୍ଣ ବାର୍ତ୍ତା ମିଳିଛି। ବାଲି ସାହିରେ ଅବସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର କାନ୍ଥରେ ବାର୍ତ୍ତା ଲେଖାଯାଇଥିଲା। ପୁରୀ ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଧମକ ବାର୍ତ୍ତାରେ ଲେଖାଥିଲା, 'ଆତଙ୍କବାଦୀମାନେ ଶ୍ରୀମନ୍ଦିର ଭାଙ୍ଗିଦେବେ। ମୋତେ ଫୋନ୍ କର, ନଚେତ୍ ଧ୍ୱଂସ ହେବ।' କାନ୍ଥରେ ଅନେକ ଫୋନ୍ ନମ୍ବର ଉଲ୍ଲେଖ ଅଛି। 'ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ, ଦିଲ୍ଲୀ' ଏପରି ଶବ୍ଦ ମଧ୍ୟ କାନ୍ଥରେ ଉଲ୍ଲେଖ କରାଯାଇଥିଲା।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ସମ୍ପନ୍ନ

**ପୁରୀ,୧୩/୦୮ ନ୍ୟୁଜ ବ୍ୟୁରୋ**
ବୁଧବାର ଶ୍ରୀମନ୍ଦିରରେ ରେଖା ପଞ୍ଚମୀ ତଥା ଭାଦ୍ରବ କୃଷ୍ଣ ପକ୍ଷ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହୋଇଛି । ଏଥିପାଇଁ ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା । ପ୍ରଥମ ଭୋଗମଣ୍ଡପ ନୀତି ଶେଷ ପରେ ରାହୁରେଖା ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହି ବିଶେଷ ନୀତି ସମୟରେ ଠାକୁରଙ୍କ ଦର୍ଶନ କଟକଣା ରହିଥାଏ। ଦଇତାପତି ସେବକମାନେ ଏହି ସ୍ୱତନ୍ତ୍ର ସେବା ସମ୍ପନ୍ନ କରିଛନ୍ତି। ଶ୍ରୀବିଗ୍ରହଙ୍କ ଶ୍ରୀମୁଖର ଚତୁଃପାର୍ଶ୍ୱରେ ସ୍ୱର୍ଣ୍ଣ ନିର୍ମିତ ଏକ ବଳୟ (ପଟି)କୁ ରାହୁରେଖା କୁହାଯାଏ । ରାହୁରେଖା ଲାଗି ସରିଲେ ଠାକୁରଙ୍କ ମହାସ୍ନାନ ନୀତି ବଢ଼ି



ଯଥାବିଧି ଦର୍ଶନ ଆରମ୍ଭ ହୋଇଥିଲା। ବୁଧବାର ନୀତିକୁ ଚାହିଁ ଦର୍ଶନ କଟକଣା ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଲୋଭ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ: ଜଷ୍ଟିସ୍ ଏନ୍ ଏସ୍ ହେଗ୍‌ଡେ




**ଭୁବନେଶ୍ୱର, ୧୩।୮ ନ୍ୟୁଜ ବ୍ୟୁରୋ**
ବର୍ତ୍ତମାନ ଯୁଗରେ ଲୋଭ ହିଁ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ ବୋଲି ସ୍ୱନାମଧନ୍ୟ ଆଇନଜ୍ଞ, ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ତଥା କର୍ଣ୍ଣାଟକ ପ୍ରାକ୍ତନ ଲୋକାୟୁକ୍ତ ଜଷ୍ଟିସ୍ ଏନ୍ ସନ୍ତୋଷ ହେଗ୍‌ଡେ କହିଛନ୍ତି। ଦୁଇ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଜଷ୍ଟିସ୍ ହେଗ୍‌ଡ଼େ କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ। ବୁଧବାର କିଟ୍ ଲ' ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ 'ଫଲ୍ ଇନ୍ ସୋସିଆଲ୍ ଭ୍ୟାଲ୍ୟୁଜ୍ ଆଣ୍ଡ ଇଟ୍‌ସ କନସେକ୍ୟୁଏନ୍‌ସେସ୍' ଉପରେ ବକ୍ତବ୍ୟ ପ୍ରଦାନ କରି କହିଲେ, ନିଜ ଜୀବନକାଳ ମଧ୍ୟରେ ସେ ୧୮୬୧ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି, କିନ୍ତୁ କିଟ୍ ଭଳି ଅନୁଷ୍ଠାନ କେଉଁଠି ଦେଖିନାହାନ୍ତି। ଏଠାକାର ଭିତ୍ତିଭୂମି, ପରିଚ୍ଛନ୍ନତା ଓ ପିଲାଙ୍କ ଶୃଙ୍ଖଳା ମୋତେ ବେଶ ସନ୍ତୋଷ ପ୍ରଦାନ କରିଛି ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସକୁ ସେ ପ୍ରଶଂସା କରିବା ସହ ଡ. ସାମନ୍ତଙ୍କୁ ଗ୍ରୀକ୍ ଦର୍ଶନର ଆଟଲାସ୍ ସଦୃଶ ଅଭିହିତ କରିଥିଲେ। କିଟ୍ ଲ' ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ଲୋଭ ଏପରି ଏକ ରୋଗ ଯାହା ପାଇଁ କୌଣସି ଔଷଧ ନାହିଁ ଏବଂ ଏହା ଆମର ସାମାଜିକ ମୂଲ୍ୟବୋଧ ପତନର ମୂଳ କାରଣ। ଟଙ୍କା ଏବଂ କ୍ଷମତା ପଛରେ ପଡ଼ି ମଣିଷ କିଭଳି ନୈତିକ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିଛି ଏବଂ ସମାଜର ମୂଳଦୁଆକୁ ଦୁର୍ବଳ କରିଛି ସେ ସମ୍ପର୍କରେ କହିଥିଲେ। ମୂଲ୍ୟବୋଧର ଚାରିକାନ୍ଥ ମଧ୍ୟରେ ମହତ୍ତ୍ୱାକାଂକ୍ଷା ମାନବବାଦରେ ଭିତ୍ତିଭୂମି ହେବା ଉଚିତ। ଛାତ୍ରଛାତ୍ରୀମାନେ ମହତ୍ତ୍ୱାକାଂକ୍ଷା ପରିତ୍ୟାଗ ନ କରିବା ଉଚିତ ବୋଲି ଜଷ୍ଟିସ୍ ହେଗ୍‌ଡେ କହିଥିଲେ। ଯେଉଁମାନେ ଆପଣଙ୍କଠାରୁ କମ୍ ଧନୀ ସେମାନଙ୍କ ବିଷୟରେ ଭାବନ୍ତୁ। ଲୋଭ ମୁଦ୍ରାସ୍ଫୀତି ସୃଷ୍ଟି କରେ, ଟଙ୍କାର ମୂଲ୍ୟ ହ୍ରାସ କରେ ଏବଂ ସାମାଜିକ ଭାରସାମ୍ୟକୁ କ୍ଷୟ କରେ। ଶାନ୍ତିର ଅଭାବ ଆଜି ଆମ ସମାଜର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ବୋଲି ସେ କହିଥିଲେ।
ନିଜ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, 'ମୁଁ ଅଗଣିତ ଲୋକଙ୍କୁ ଆମ ସମ୍ବିଧାନ ଅଧୀନରେ ସୁଶାସନ ସୁନିଶ୍ଚିତ କରିବା ପାଇଁ ଯନ୍ତ୍ରଣା ଭୋଗୁଥିବା ଦେଖିଛି । ସାମାଜିକ ମୂଲ୍ୟବୋଧ ଉପରେ ଆମର ସମୃଦ୍ଧ ପ୍ରମାଣ ସତ୍ତ୍ୱେ ସମାଜ ଆଜି ନ୍ୟାୟ ଏବଂ ନିଷ୍ପକ୍ଷତା ଅପେକ୍ଷା ଧନ ଏବଂ ପ୍ରଭାବକୁ ପ୍ରାଥମିକତା ଦିଏ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଲ' ସ୍କୁଲର ପ୍ରଫେସର ଏମିରେଟସ୍ ଏନ. ଏଲ. ମିତ୍ର ଏବଂ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗିସ୍ ମଧ୍ୟ ବକ୍ତବ୍ୟ ରଖିଥିଲେ।

# ନିର୍ବାଚନରେ ଆଧାର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ : ଯାଞ୍ଚର ଆବଶ୍ୟକତା ରହିଛି

**ନୂଆଦିଲ୍ଲୀ, ୧୩/୮**
ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗର ମତକୁ ସମର୍ଥନ କରିଛନ୍ତି ଯେ ଆଧାର କାର୍ଡକୁ ନାଗରିକତାର ଚୂଡ଼ାନ୍ତ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ଏବଂ ଏହାକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । ବିହାରରେ ନିର୍ବାଚନୀ ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି । ଜଷ୍ଟିସ କାନ୍ତ ଆବେଦନକାରୀଙ୍କ ପାଇଁ ଉପସ୍ଥିତ ବରିଷ୍ଠ ଓକିଲ କପିଲ ସିବଲଙ୍କୁ କହିଛନ୍ତି, 'ନିର୍ବାଚନ ଆୟୋଗ ଠିକ୍ କହୁଛି ଯେ ଆଧାରକୁ ନାଗରିକତାର ଚୂଡ଼ାନ୍ତ ପ୍ରମାଣ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ। ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି।' କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ



ପ୍ରଥମେ ଏହା ନିଷ୍ପତ୍ତି ନିଆଯିବା ଜରୁରୀ ଯେ ନିର୍ବାଚନ ଆୟୋଗଙ୍କର ଯାଞ୍ଚ କାର୍ଯ୍ୟ କରିବାର କ୍ଷମତା ଅଛି କି ନାହିଁ। ଯଦି ସେମାନଙ୍କର ଏହି କ୍ଷମତା ନାହିଁ, ତେବେ ଏନେଇ ଚିନ୍ତା କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ଯଦି କ୍ଷମତା ଅଛି, ତେବେ କୌଣସି ସମସ୍ୟା ନାହିଁ। ସିବଲ ଯୁକ୍ତି ଦେଇଛନ୍ତି ଯେ ନିର୍ବାଚନ ଆୟୋଗର ଏହି ପ୍ରକ୍ରିୟା ବହୁ ସଂଖ୍ୟାରେ ଭୋଟରଙ୍କୁ ତାଲିକାରୁ ବାଦ ଦେବ। ବିଶେଷ କରି ଯେଉଁମାନେ ଆବଶ୍ୟକୀୟ ଫର୍ମ ଦାଖଲ କରିବାରେ ଅସମର୍ଥ ରହିଛନ୍ତି । ସେ ଦାବି କରିଛନ୍ତି ଯେ ୨୦୦୩ ନିର୍ବାଚନୀ ତାଲିକାରେ ଥିବା ଭୋଟରମାନଙ୍କୁ ମଧ୍ୟ ନୂଆ ଫର୍ମ ପୂରଣ କରିବାକୁ କୁହାଯାଉଛି ଏବଂ ତାହା ନକଲେ ସେମାନଙ୍କ ନାମ ତାଲିକାରୁ ହଟାଇ ଦିଆଯିବ, ଯଦିଓ ସେମାନେ ସ୍ଥାନ ପରିବର୍ତ୍ତନ କରି ନାହାନ୍ତି। ସିବଲଙ୍କ ଅନୁଯାୟୀ, ନିର୍ବାଚନ ଆୟୋଗର ତଥ୍ୟ ଅନୁସାରେ ୭.୨୪ କୋଟି ଲୋକ ଫର୍ମ ଦାଖଲ କରିଛନ୍ତି। କିନ୍ତୁ ପ୍ରାୟ ୬୫ ଲକ୍ଷ ଲୋକଙ୍କ ନାମ ମୃତ୍ୟୁ କିମ୍ବା ସ୍ଥାନାନ୍ତରଣ ବିଷୟରେ କୌଣସି ଯଥାଯଥ ତଦନ୍ତ ବିନା ବାଦ ଦିଆଯାଇଛି। କୋର୍ଟ ଏହି ୬୫ ଲକ୍ଷ ସଂଖ୍ୟା କିପରି ଆସିଲା ଏବଂ ଏହା ଯାଞ୍ଚ ହୋଇଛି କି କେବଳ ଅନୁମାନ ଉପରେ ଆଧାରିତ କି ବୋଲି ପ୍ରଶ୍ନ ଉଠାଇଛନ୍ତି। ଖଣ୍ଡପୀଠ କହିଛନ୍ତି, 'ଆମେ ଜାଣିବାକୁ ଚାହୁଁଛୁ ଆପଣଙ୍କର ଆଶଙ୍କା କାଳ୍ପନିକ ନା ଏହା ପଛରେ ବାସ୍ତବତା ରହିଛି।' ତେବେ ଅନୁଧ୍ୟାନରୁ ଜଣାପଡିଛି ଯେ ଯେଉଁମାନେ ଫର୍ମ ଦାଖଲ କରିଛନ୍ତି ସେମାନଙ୍କ ନାମ ଡ୍ରାଫ୍ଟ ତାଲିକାରେ ରହିଛି। ଅନ୍ୟପକ୍ଷରେ ଓକିଲ ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ ମୃତ୍ୟୁ କିମ୍ବା ସ୍ଥାନାନ୍ତରଣ ହେତୁ ବାଦ ଦିଆଯାଇଥିବା ଭୋଟରଙ୍କ ତାଲିକା କୋର୍ଟରେ କି ତାଙ୍କ ୱେବସାଇଟରେ ପ୍ରକାଶ କରିନାହାନ୍ତି। ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ଯଦି ଜଣେ ଭୋଟର ଆଧାର ଏବଂ ରାସନ କାର୍ଡ ସହିତ ଫର୍ମ ଦାଖଲ କରନ୍ତି ତେବେ ନିର୍ବାଚନ ଆୟୋଗ ଏହାର ବିବରଣୀ ଯାଞ୍ଚ କରିବାକୁ ବାଧ୍ୟ। ଯେଉଁମାନେ ନୋଟିସ ପାଇବାର ଅଧିକାରୀ, ସେମାନଙ୍କୁ ନଥିପତ୍ର ଅଭାବ ବିଷୟରେ ସୂଚନା ଦିଆଯାଇଛି କି ନାହିଁ ଏନେଇ କୋର୍ଟ ସ୍ପଷ୍ଟିକରଣ ମାଗିଛନ୍ତି। ଏହି ମାମଲା ବିହାରରେ ନିର୍ବାଚନୀ ତାଲିକାରୁ ବହୁ ସଂଖ୍ୟାରେ ନାମ ବାଦ ଦେବା ଏବଂ ଆଧାର ଭଳି ନଥିପତ୍ରକୁ ବାଦ ଦେବା ବିରୋଧରେ ଆବେଦନକୁ କେନ୍ଦ୍ର କରି ଜାରି ରହିଛି। ନିର୍ବାଚନ ଆୟୋଗ କହିଛନ୍ତି ଯେ ଆଧାର କେବଳ ପରିଚୟର ପ୍ରମାଣ ଏବଂ ନାଗରିକତା ଯାଞ୍ଚ ପାଇଁ ଏହାକୁ ଏକମାତ୍ର ନଥିପତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ।

# ଯୁବପିଢ଼ିଙ୍କ ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ
# ସେଫ୍ କ୍ୟାମ୍ପେନ କରିବ ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୩/୦୮ ନ୍ୟୁଜ ବ୍ୟୁରୋ**



ଆତ୍ମହତ୍ୟା କ'ଣ ସବୁ ସମସ୍ୟାର ସମାଧାନ ? ଯଦି ନାଁ ତେବେ କାହିଁକି ବଢ଼ୁଛି ଆତ୍ମହତ୍ୟା ଜନିତ ମୃତ୍ୟୁ ସଂଖ୍ୟା । କ'ଣ ପାଇଁ ଜଣେ ମଣିଷ ଜୀବନ ହାରିବାକୁ ସବୁ ସମସ୍ୟାର ସାମାଧାନ ବୋଲି ଭାବୁଛି। ତେବେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ସବୁ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ସେଫ୍ କ୍ୟାମ୍ପେନ ବା ସଚେତନତା ଶିବିର କରିବ ଉଚ୍ଚ ଶିକ୍ଷା ବିଭାଗ । ଏନେଇ ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।
ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ଯେ, ଶକ୍ତିଶ୍ରୀ ସ୍କିମରେ ସେଫ୍ କ୍ୟାମ୍ପେନ ଭଳି କାର୍ଯ୍ୟକ୍ରମ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ କରିବାକୁ ଯାଉଛି। ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନ କିପରି ଠିକ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି । ଏନେଇ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ସଚେତନତା ସହ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଛନ୍ତି ତାଙ୍କୁ ବୁଝେଇବାକୁ ପଡ଼ିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରଛାତ୍ରୀଙ୍କଠୁ ଆରମ୍ଭ କରି ପିତାମାତା ଓ ଶିକ୍ଷକମାନଙ୍କୁ ନେଇ ଗୋଟେ ଅନୁକୂଳ ପରିବେଶ ସୃଷ୍ଟି କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ।

## କମିଶନରେଟ୍ ପୁଲିସ ଅଞ୍ଚଳରେ ଅସୁରକ୍ଷିତ ମହିଳା
# ୭ ମାସରେ ଦେଢ଼ ଶହ ଦୁଷ୍କର୍ମ, ଲୁଟେରାଙ୍କ ପଞ୍ଝାରେ ପଡ଼ିଛନ୍ତି ୮୫୪ ଜଣ

**ଭୁବନେଶ୍ୱର,୧୩/୦୮ ନ୍ୟୁଜ ବ୍ୟୁରୋ**
କମିଶନରେଟ୍ ପୁଲିସ ଅଞ୍ଚଳରେ ଦିନକୁ ଦିନ ଅସୁରକ୍ଷିତ ହୋଇ ପଡୁଛନ୍ତି ମହିଳା ଓ ଯୁବତୀ। ପ୍ରତିଦିନ କେହି ନା କେହି ଅପରାଧର ଶିକାର ହେଉଛନ୍ତି । କିଏ ଲୁଟେରାଙ୍କ ପଞ୍ଝାରେ ପଡୁଛନ୍ତି ତ' ପୁଣି କିଏ ବଳାତ୍କାରର ଶିକାର ହେଉଛନ୍ତି । ଗତ ୭ ମାସ ଭିତରେ କଟକ-ଭୁବନେଶ୍ୱରରେ ୧୪୮ ଜଣ ଦୁଷ୍କର୍ମର ଶିକାର ହୋଇଛନ୍ତି। ପୁଲିସ୍ ମାତ୍ର ୪୫% ମାମଲାରେ ଚାର୍ଜସିଟ୍ ଦାଖଲ କରିପାରିଛି। କଟକ ୟୁପିଡି ଠାରୁ ଭୁବନେଶ୍ୱରରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୭ ମାସରେ କଟକରେ ୫୫ଟି ମାମଲା ରୁଜୁ ହୋଇଥିବା ବେଳେ ଭୁବନେଶ୍ୱରରେ ୯୩ଟି ଦୁଷ୍କର୍ମ ମାମଲା ହୋଇଛି । ନାବାଳିକାଙ୍କୁ ଦୁଷ୍କର୍ମ ନେଇ ଟୁଇନ୍ ସିଟିରେ ୪୧ଟି ମାମଲା ରୁଜୁ କରିଛି ପୁଲିସ୍ ।
ଭୁବନେଶ୍ୱର ଓ କଟକ ମହିଳା ଥାନାରେ ସର୍ବାଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ଉକ୍ତ ମାମଲାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି




କୋର୍ଟ ଚାଲାଣ କରିଛି । ହେଲେ ପ୍ରମାଣ ଯୋଗାଡ଼ରେ ଫେଲ୍ ମାରିଛି। ଦୁଇ ମହିଳା ଥାନାରେ ରୁଜୁ ହୋଇଥିବା ମାମଲା ମଧ୍ୟରୁ ଅଧିକାଂଶ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ହୋଇଛି । ଫଳରେ ପ୍ରମାଣ ଯୋଗାଡ଼ କରିବା ପୁଲିସ୍ ପାଇଁ ଅଡୁଆ ହେଉଛି । ଲୁଟେରମାନେ ମଧ୍ୟ ମହିଳାଙ୍କୁ କଲବଲ କରିଛନ୍ତି । ୭ ମାସ ଭିତରେ ଟୁଇନ୍ ସିଟିରେ ୮୫୪ ଜଣ ମହିଳା-ଯୁବତୀ ଲୁଟେରାଙ୍କ ପଞ୍ଝାରେ ପଡ଼ିଛନ୍ତି। କାହାର ମୋବାଇଲ୍ ଯାଇଛି ତ' କାହାର ସୁନା ଓ ଭ୍ୟାନିଟି । ଭୁବନେଶ୍ୱରରେ ୫୭୦ ଜଣ ଲୁଟେରାଙ୍କ ପଞ୍ଝାରେ ପଡିଥିବା ବେଳେ କଟକରେ ମାତ୍ର ୨୮୪ ଜଣ ମହିଳା-ଯୁବତୀ ଅପରାଧର ଶିକାର ହୋଇଛନ୍ତି। ୭ ମାସ ଭିତରେ ଭୁବନେଶ୍ୱରରେ ୧୧୩ଟି ସୁନା ଚେନ୍ ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଛି । ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଛି ସତ ହେଲେ ଚୋରି ସମ୍ପତ୍ତି ଜବତ କରି ଫେରସ୍ତ କରିବାରେ ଫେଲ୍ ମାରିଛି । ରାସ୍ତାରେ ଅସଦାଚରଣ ମାମଲାରେ ମଧ୍ୟ କଟକକୁ ପଛରେ ପକାଇ ଦେଇଛି ଭୁବନେଶ୍ୱର। ୭ ମାସ ଭିତରେ ଭୁବନେଶ୍ୱରର ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ୮୧ଟି ଅସଦାଚରଣ ଅଭିଯୋଗ ହୋଇଛି । କଟକରେ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି। ୪ ବର୍ଷ(୨୦୨୦ରୁ ୨୦୨୪) ମଧ୍ୟରେ ରାଜ୍ୟରେ ୫୬୬୮ଟି ଅସଦାଚରଣ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି । ଭୁବନେଶ୍ୱରରେ ୧୩୪୧ ଜଣ ଅସଦାଚରଣ ଶିକାର ହୋଇ ବିଭିନ୍ନ ଥାନାରେ ଅଭିଯୋଗ କରିଥିଲେ । କମିଶନରେଟ୍ ପୁଲିସ୍ କଟକ ୟୁପିଡିରେ ଗତ ୪ ବର୍ଷରେ ମାତ୍ର ୯ଟି ମାମଲା ରୁଜୁ ହୋଇଛି । ଅସଦାଚରଣ ମାମଲାରେ ପୁଲିସ୍ ସେମିତି ଆଖିଦୃଶିଆ ପଦକ୍ଷେପ ନେଇନାହିଁ । ସର୍ବସାଧାରଣ ସ୍ଥାନରେ ମହିଳା ଓ ଯୁବତୀମାନଙ୍କୁ ଯଦି କେହି ଅସଦାଚରଣ କରେ କିମ୍ବା କମେଣ୍ଟମାରେ, ସେମାନଙ୍କୁ ସାବାଡ୍ କରିବାକୁ ପୁଲିସ୍ ତିଆରି କରିଥିଲା 'ହର' ଟିମ୍ । ଖୁବ୍ କମ୍ ଦିନ ମଧ୍ୟରେ 'ହର' ଟିମ୍ ସହରର ଗଳିକନ୍ଦିରେ ପରିଚିତ ଥିଲା। ଏବେ ଉକ୍ତ ଟିମ୍ କୋମାକୁ ଚାଲି ଯାଇଛି। ଅଧିକାରୀ ବଦଳିବାରେ ଟିମ୍ ବି ତା'ର ଅସ୍ତିତ୍ୱ ହଜାଇ ଦେଇଛି। ଫଳରେ ଅସାମାଜିକମାନେ ସର୍ବସାଧାରଣ ସ୍ଥାନରେ ଆତଙ୍କ ଖେଳାଉଛନ୍ତି ।

# ବର୍ଣ୍ଣାଢ୍ୟ ସମାରୋହରେ ଲୋକାର୍ପିତ ହେଲା ଡ. ଅରୁଣ ସାହୁଙ୍କ ସାଇତା ସତ, ବେହାଲ ବର୍ଷା




**ଭୁବନେଶ୍ୱର, ୧୩/୮ ନ୍ୟୁଜ ବ୍ୟୁରୋ**
ବିଶିଷ୍ଟ ଔପନ୍ୟାସିକ, ସାହିତ୍ୟିକ ଓ ଗାଳ୍ପିକ ମାନଙ୍କର ଆତ୍ମ ଜୀବନୀରୁ ଉଦ୍ଧୃତ ଉପାଦେୟ ତଥା ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାକୁ ଆଧାର କରି ଲେଖାଯାଇଥିବା "ସାଇତା ସତ" ପୁସ୍ତକ ଏବଂ "ବେହାଲ ବର୍ଷା" ଭିଡିଓ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପ ପରିସରରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ଲୋକାର୍ପିତ ହୋଇଯାଇଛି। ନୟାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ.ଅରୁଣ କୁମାର ସାହୁଙ୍କ ଦ୍ୱାରା ଲିଖିତ 'ସାଇତା ସତ' ଓ ଅଭିନୀତ 'ବେହାଲ ବର୍ଷା'ରେ ନୂତନ ପିଢିର ଲେଖକ ମାନଙ୍କ ପାଇଁ ଅନେକ ସମ୍ଭାବନା ଅନ୍ତର୍ନିହିତ ରହିଛି। ଡ. ସାହୁ ତାଙ୍କ କବିତା ମାଧ୍ୟମରେ ଯେଉଁ ସଚେତନତାର ବାର୍ତ୍ତା ଦେଇଛନ୍ତି ତାହାକୁ କବି ଓ ସାହିତ୍ୟିକ ମହଲରେ ଉଚ୍ଚ ପ୍ରଶଂସା କରାଯିବା ସହ ତାଙ୍କ ଏହି କୃତୀ ବେଶ୍ ଆଦୃତି ଲାଭ କରିଛି। ସମାଜରେ ଦୁରାଚାର, ଅନାଚାର, ଅତ୍ୟାଚାର, ଭ୍ରଷ୍ଟାଚାର ଲୋପ ପାଇଯାଆନ୍ତା। ଏବର ପିଢି ଏବଂ ଆଗାମୀ ପିଢିମାନେ ଚେଷ୍ଟା ଆରମ୍ଭ କରନ୍ତୁ ଉଗାଳିବାକୁ "ସାଇତା ସତ"। ତେବେ ଯାଇ ଚରମ ତୃପ୍ତି ଓ ପୂର୍ଣ୍ଣତା ପ୍ରାପ୍ତ ହେବ ଜୀବନ, ସେଥିପାଇଁ ସମସ୍ତ ଦାୟିତ୍ୱ ବହନ କରିବ- 'ସାଇତା ସତ' ବୋଲି ଏହାର ଲେଖକ ଡ. ସାହୁ ମତ ରଖିଛନ୍ତି। ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଅଭିରାମ ବିଶ୍ୱାଳ ଏବଂ କଳାକ୍ଷେତ୍ରରେ ବିଶିଷ୍ଟ ସାଧକ ଚୌଧୁରୀ ବିକାଶ ଦାସ ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ସୁଶାନ୍ତ ରାଉତ, ଦେବୀ ରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସମେତ ବହୁ ବିଧାୟକ, ରାଜନୈତିକ ନେତା, ଲେଖକ, ସାହିତ୍ୟିକ, କବି ଓ ସାମ୍ବାଦିକମାନେ ଯୋଗଦେଇଥିଲେ।

# ପାଣିପାଗ ବିଭାଗର ଗବେଷଣାରୁ ଖୁଲାସା : ୫୦ ବର୍ଷ ହେଲା ବଢ଼ୁଛି ବର୍ଷାଋତୁ ଅବଧି

**ନୂଆଦିଲ୍ଲୀ,୧୩/୦୮**
ଭାରତରେ ପ୍ରାୟ ୭୫ ପ୍ରତିଶତ ବର୍ଷା କରାଉଥିବା ଦକ୍ଷିଣ ପଶ୍ଚିମ ମୌସୁମୀ (ବର୍ଷାଋତୁ)ର ଅବଧି ଗତ ୫୦ ବର୍ଷ ହେଲା ବଢ଼ିଚାଲିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ବୈଜ୍ଞାନିକଙ୍କ ପକ୍ଷରୁ ପ୍ରକାଶିତ ଏକ ଗବେଷଣା ରିପୋର୍ଟରୁ ଏକଥା ସାମ୍ନାକୁ ଆସିଛି। ମୌସମ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ସାଧାରଣତଃ ବର୍ଷାଋତୁ ଜୁନ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିଥାଏ। କିନ୍ତୁ ୧୯୭୦ରୁ ୨୦୨୦ ଅର୍ଥାତ ୫୦ ବର୍ଷ ଭିତରେ ପ୍ରତି ଦଶନ୍ଧିରେ ଏହା ୧.୬ ଦିନ ହାରରେ ବଢ଼ିବାରେ ଲାଗିଛି। ବର୍ଷାଋତୁର ଅବଧି ବଢ଼ିବା ଓ ଭାରତରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଅପସାରଣ ହେବା ଭିତରେ ସମ୍ପର୍କ ରହିଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି। କେରଳରେ ପ୍ରତିବର୍ଷ ମୌସୁମୀ ପ୍ରବେଶ କରେ। ଅବଶ୍ୟ ଅଳ୍ପ କିଛି ଦିନର ଆଗପଛରେ ଏହା ଆସେ। ଯାହାକି ଗତ ୫୦ ବର୍ଷ ହେଲା ଦେଖିବାକୁ ମିଳୁଛି । ସେହିଭଳି ଦେଶରେ ଯେତିକି ବର୍ଷା ହୁଏ ତାର ୭୫ ପ୍ରତିଶତ ମୌସୁମୀ ବର୍ଷାରେ ହୋଇଥାଏ । ଅର୍ଥାତ ବର୍ଷାଋତୁରେ ହିଁ ୭୫ ପ୍ରତିଶତ ବର୍ଷା ହୁଏ । କିନ୍ତୁ ଏହି ପରିମାଣ



ବିଗତ ବର୍ଷମାନଙ୍କରେ ବଢ଼ିଛି । ବର୍ତ୍ତମାନ ଦେଶର ୭୯ ପ୍ରତିଶତ ବର୍ଷା ମୌସୁମୀ ଋତୁରେ ହିଁ ହେଉଛି । ସେହିଭଳି ପଶ୍ଚିମ ରାଜସ୍ଥାନରୁ ସେପ୍ଟେମ୍ବର ୧୭ ତାରିଖ ବେଳକୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥାଏ । ତେବେ ଗତ ୧୪ ବର୍ଷ ହେଲା ଏଥିରେ ଗୋଟିଏ ଦିନ ବଢ଼ିଛି । ଅର୍ଥାତ ସେପ୍ଟେମ୍ବର ୧୮ରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରୁଛି । ହେଲେ ସମୟ ସମୟରେ ଏଥିରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ୨୦୧୯ରେ ଦେଶରୁ ମୌସୁମୀ ବାୟୁ ଅକ୍ଟୋବର ୯ରେ ପ୍ରତ୍ୟାବର୍ତ୍ତନ କରିଥିଲା, ଯାହାକି ଧାର୍ଯ୍ୟ ସମୟର ୨୨ ଦିନ ବିଳମ୍ବରେ । ଠିକ୍ ସେହିଭଳି ୨୦୨୧ରେ ଅକ୍ଟୋବର ୬ ଅର୍ଥାତ ୧୯ ଦିନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିଲା । ୨୦୨୦ରେ ଆଇଏମ୍‌ଡି ଦେଶର ବିଭିନ୍ନ ଭାଗରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବାର ସମୟ ସୀମାରେ ପରିବର୍ତ୍ତନ କରିଥିଲା । କିନ୍ତୁ ସମଗ୍ର ଦେଶରୁ ମୌସୁମୀର ପ୍ରତ୍ୟାବର୍ତ୍ତନ ସମୟ ଅକ୍ଟୋବର ୧୫କୁ ସ୍ଥିର ରଖିଥିଲା। ତେବେ ଆଇଏମ୍‌ଡି ୨୦୨୦ରେ ମୌସୁମୀର ପ୍ରତ୍ୟାବର୍ତ୍ତନ ତାରିଖ ବଦଳାଇବାର କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଦର୍ଶାଇଥିଲା । ଗତ ୧୦ ବର୍ଷ ହେଲା ମୌସୁମୀର ପ୍ରତ୍ୟାବର୍ତ୍ତନ ସମୟ ଆଇଏମ୍‌ଡି ଧାର୍ଯ୍ୟ କରିଥିବା ଅକ୍ଟୋବର ୧୫ ପରେ ମଧ୍ୟ ହେଉଥିବା ଦେଖାଯାଇଛି। ବର୍ତ୍ତମାନର ଏହି ଅଧ୍ୟୟନରେ ମୌସୁମୀ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିବା ଓ ବର୍ଷାର ପରିମାଣ ମଧ୍ୟରେ ସମ୍ପର୍କ ଉପରେ ଧ୍ୟାନ ଦିଆଯାଇଥିଲା । ସେଥିରେ କୁହାଯାଇଛି ବିଳମ୍ବ ମୌସୁମୀ ରବି ଫସଲ ପାଇଁ ଉପଯୋଗୀ ସାବ୍ୟସ୍ତ ହେବା ସହ ସୋରିଷ ଫସଲର ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।

# ବିଶ୍ୱ ଅଙ୍ଗ ଦାନ ଦିବସରେ ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୧୩/୦୮ ନ୍ୟୁଜ ବ୍ୟୁରୋ**
ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ଅଙ୍ଗ ଦାନ ଦିବସ ପାଳନ ହୋଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅଙ୍ଗଦାତାମାନେ ମୃତ୍ୟୁ ପରେ ସୁସ୍ଥ ଏବଂ ମୂଲ୍ୟବାନ ଅଙ୍ଗ ଦାନ କରି ଅନ୍ୟ ମାନଙ୍କର ଜୀବନ ବଞ୍ଚାଇ ଥିବାରୁ ସେ ଅଙ୍ଗଦାତାଙ୍କୁ ଏବଂ ତାଙ୍କ ପରିବାରକୁ ସର୍ବୋଚ୍ଚ ସମ୍ମାନ ଜଣାଇବା ସହ ସେମାନଙ୍କ ମହାନତାକୁ ଉଚ୍ଚ ପ୍ରଶଂସା କରିଥିଲେ ମନ୍ତ୍ରୀ ଡ. ମହାଲିଙ୍ଗ ।
ଝାରସୁଗୁଡାର ସ୍ୱର୍ଗତ ରଶ୍ମୀ ପ୍ରଭା ପଟେଲ, ନୟାଗଡର ସିବୁନ ସିଦ୍ଧାର୍ଥ ସାହୁ, ଖୋର୍ଦ୍ଧାର ସ୍ୱର୍ଗତ ବିକାଶ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱର୍ଗତ ମନୋଜ କୁମାର ସାହୁ, ବାଲେଶ୍ୱର ସ୍ୱର୍ଗତ ଅଲେଖ ପ୍ରସାଦ ପରିଡା, କଟକର ସ୍ୱର୍ଗତ ପ୍ରହଲ୍ଲାଦ ରାଉତ, କେନ୍ଦୁଝରର ସ୍ୱର୍ଗତ ଲତା ମହାନ୍ତ, ସୁନ୍ଦରଗଡର ସ୍ୱର୍ଗତ ଜନ୍ମେଷ ଲେଙ୍କା, ଖୋର୍ଦ୍ଧାର ସ୍ୱର୍ଗତ ପ୍ରଦୀପ କୁମାର ଜେନା, ମୟୂରଭଞ୍ଜର ସ୍ୱର୍ଗତ ସ୍ୱଶ୍ରୀଆୟାନ ପାତ୍ର, ଅନୁଗୁଳ ଜିଲ୍ଲାର ସ୍ୱର୍ଗତ ବିଶ୍ୱଜିତ ଦାସ, ଖୋର୍ଦ୍ଧାର ସ୍ୱର୍ଗତ ଜୟନ୍ତ




କୁମାର ଖମାରୀ, କେନ୍ଦ୍ରାପଡ଼ାର ସ୍ୱର୍ଗତ ଅଜୟ କୁମାର ଗିରି, କୋରାପୁଟର ସ୍ୱର୍ଗତ ଆଶିସ ଛୁଆଳସିଂ, ରାୟଗଡାର ସ୍ୱର୍ଗତ ଚନ୍ଦ୍ରଶେଖର ନାୟକ ଗଜପତିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ଗଜପତିର ସ୍ୱର୍ଗତ ପଣ୍ଡାଇ ଶବର, କେନ୍ଦ୍ରାପଡ଼ାର ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳ, ରାୟଗଡାର ସ୍ୱର୍ଗତ ପିଲାନ୍ତ ଶବର, ଗଜପତିର ସ୍ୱର୍ଗତ କେ ନରେଶ ପଟ୍ଟନାୟକ, ଗଜପତିର ସ୍ୱର୍ଗତ ଅରୁଣ ଭୂୟାଁ, ଖୋର୍ଦ୍ଧାର ସ୍ୱର୍ଗତ ସୌମ୍ୟ ରଞ୍ଜନ ବେହେରା, ଭଦ୍ରକର ସ୍ୱର୍ଗତ ଶିବ ପ୍ରସାଦ ଜେନା, ଖୋର୍ଦ୍ଧାର ସ୍ୱର୍ଗତ ରୀନା ପୃଷ୍ଟିଙ୍କ ପରିବାରକୁ ସୂରଜ ପୁରସ୍କାରରେ ସମ୍ମାନିତ କରିବା ସହ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନିତ ରାଶି ପ୍ରଦାନ କରିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରିଥିଲେ ଏବଂ ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିଥିଲେ । ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗ ଦାତାମାନଙ୍କୁ ଏବଂ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ରେ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ "ସୂରଜ ପୁରସ୍କାର" ପ୍ରଦାନ କରାଯାଉଛି ।
ହୃତପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି । ବର୍ଷ ୨୦୨୦ରେ ପ୍ରଥମ ଥର ଏହି ପୁରସ୍କାର ମୃତ ଅଙ୍ଗଦାତାଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକ ମାନଙ୍କର ଶେଷକୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏହି କାର୍ଯ୍ୟକ୍ରମରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ସ୍ୱାଇଁ, ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପ ଶାସନ ସଚିବ ଅରୁଣା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।